ଧଉଳି ଏକ୍ସପ୍ରେସ୍‌ର
ଆଇନ ପରାମର୍ଶ ଦାତା
ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମଲ୍ଲିକ
(ଆଡ଼ଭୋକେଟ୍)
ଅବସରପ୍ରାପ୍ତ
ଅନୁଶାସନ ସଚିବ, ବିଧି ବିଭାଗ

ଧଉଳି ଏକ୍ସପ୍ରେସ
The Dhauli Express
THE DHAULI EXPRESS

RNI No. : ODIODI/2019/77646

INDEPENDENT ODIA FORRTNIGHTLY NEWSPAPER

# ଧଉଳି ଏକ୍ସପ୍ରେସ
THE DHAULI EXPRESS

ବର୍ଷ-୦୮ ସଂଖ୍ୟା-୧୯ ଭୁବନେଶ୍ୱର ୦୧ ଅକ୍ଟୋବର ରୁ ୧୫ ଅକ୍ଟୋବର ୨୦୨୬ ପୃଷ୍ଠା-୮ ମୂଲ୍ୟ-୫ ଟଙ୍କା

Vol.-08 Issue-19 Bhubaneswar 01 October to 15 October 2026 Page-8 Rs. 5.00


## ରାଜ୍ୟ ସ୍ତରୀୟ ‘ଆଙ୍ଗନ୍ କା ଉତ୍ସବ’

# ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ‘ଆଙ୍ଗନ୍ କା ଉତ୍ସବ’ ଏବଂ ‘୯ମ ରାଷ୍ଟ୍ରୀୟ ପୋଷଣ ମାସ’ ପାଳିତ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ଏକ ସୁ-ପୋଷିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରକୁ ସାମିଲ କରାଯାଉଛି । ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି । ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡ଼ିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡ଼ିଶା ଭାବେ ପ୍ରତିଷ୍ଠିତ କରାଯିବ ।

ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା’ମାନଙ୍କ ସହ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଏକ ସୁପୋଷିତ ଓଡ଼ିଶା ପାଇଁ ସରକାର ପ୍ରତିବଦ୍ଧ । ସେ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି କର୍ମୀ, ସହାୟିକା, ANM ଓ ଆଶା କର୍ମୀମାନଙ୍କର । ପୂର୍ବରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସବୁଠାରୁ ଅଧିକ ଶିଶୁ ଓ ମାତୃ ମୃତ୍ୟୁହାର ଥିବା ରାଜ୍ୟ ଥିଲା, ମାତ୍ର ଆଜି ଏହି ଦୁଇଟି ମାପକାଠିରେ ରାଜ୍ୟ ଏକ ସନ୍ତୋଷଜନକ ସ୍ଥିତିରେ ପହଞ୍ଚିପାରିଛି । ସମାଜର ଅଧା ଜନସଂଖ୍ୟାଙ୍କ ମଙ୍ଗଳ ବିନା ବିକାଶ ଅସମ୍ଭବ । ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ‘ସୁଭଦ୍ରା ଯୋଜନା’, ‘ଲକ୍ଷପତି ଦିଦି’, ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ଓ ‘ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା’ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ମୋଟ ବଜେଟର ଅତିକମରେ ୪୦ ପ୍ରତିଶତ କେବଳ ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି ସେ ପ୍ରକାଶ କରିଥିଲେ ।

ରାଜ୍ୟରେ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ନିଃଶୁଳ୍କ କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତ୍ତର (M.A.) ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି । ସେହିପରି ଜନ୍ମିତ ଶିଶୁ କନ୍ୟାମାନେ ସ୍ନାତକ ଶିକ୍ଷା ସମାପ୍ତ କଲେ ସେମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ‘ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା’ ମାଧ୍ୟମରେ ଦେଶର ବଛା ବଛା ବେସରକାରୀ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ । ଏହା ସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ‘ତ୍ରିରଙ୍ଗା ଥାଳି’ ଓ ଗରମ ରନ୍ଧା ଖାଦ୍ୟର ଗୁଣବତ୍ତା ଅନୁଧ୍ୟାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷି ଥିଲେ । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସ୍ୱାଲ, ବିଭାଗୀୟ ନିର୍ଦ୍ଦେଶକା ମୋନିଷା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ଶିଶୁ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ

## ସମସ୍ୟା, ସମାଧାନ

ବର୍ତ୍ତମାନ ସମୟରେ ଦରଦାମ୍ ବୃଦ୍ଧି ତଥା ମହଙ୍ଗାଇ ଯେତିକି ବାଧୁଛି ତା'ଠାରୁ ଅଧିକ ବାଧୁଛି ମହଙ୍ଗାଇର ସପକ୍ଷରେ ଚାଲୁଥିବା ଭକ୍ତମାନଙ୍କର ବିତଣ୍ଡା ଯୁକ୍ତି। ଦରଦାମ୍ ବୃଦ୍ଧିକୁ ସମ୍ଭାଳିବା ପାଇଁ ଯେତିକି ସାହସ ଓ ଶକ୍ତି ଦରକାର ଦରଦାମ୍ ବୃଦ୍ଧି ବିଷୟରେ ଆଲୋଚନା କରିବା ପାଇଁ ତା'ଠାରୁ ଅଧିକ ଶକ୍ତି ଆବଶ୍ୟକ ପଡୁଛି। ଦରଦାମ୍ ବୃଦ୍ଧି ଯେତେ ବି ବାଧୁଛି ବାଧୁ କିନ୍ତୁ ଏହା ଦେଶର ବିକାଶ ପାଇଁ ଜରୁରୀ ବୋଲି କହିବାକୁ ହେବ। ନହେଲେ ତୁମେ ଦେଶଦ୍ରୋହୀ ଓ ବିଧର୍ମୀ ବୋଲି ପ୍ରମାଣିତ ହେବାକୁ ବେଶି ସମୟ ଲାଗିବ ନାହିଁ। ଗୋଟେ ବିରାଟ ଆଇ.ଟି. ସେଲ୍ ନିରୋଳା ଏହି କାମରେ ଲାଗିଛନ୍ତି। ଇତି ମଧ୍ୟରେ ଲୋକମାନଙ୍କର ରୋଜଗାରରେ ପାଂଚ ପ୍ରତିଶତ ବି ବଢ଼ିନାହିଁ। ବରଂ ଆମ ଦେଶର ସିଂହଭାଗ ଲୋକମାନଙ୍କର ରୋଜଗାର କମିଛି। କରୋନା ସଂକ୍ରମଣ ଓ ତଦ୍‌ଜନିତ ଲକ୍ ଡାଉନ୍ ଯୋଗୁ ଅଧିକାଂଶ ଲୋକଙ୍କ ପାଖରେ ରୋଜଗାର ନାହିଁ। କିନ୍ତୁ ଇତି ମଧ୍ୟରେ ବଜାରର ଦରଦାମ୍ ଏପରିକି ଖାଦ୍ୟ ଦ୍ରବ୍ୟ ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ଦାମ୍ ଆକାଶରେ ଉଡୁଛି। ଏପରି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ କରିବ କ'ଣ ? ପରିସ୍ଥିତି ଆଜି ଏପରି ହୋଇଛି ଯେ, ଗରିବ ଲୋକଙ୍କ ପାଇଁ ଭାତ ପିଆଜି କି ରୁଟି ଲୁଣ ବି ଆଜି କଷ୍ଟସାଧ୍ୟ ହୋଇଯାଇଛି। କାରଣ ଆଜିର ମହରଗ ବଜାରରେ ପିଆଜ ଓ ରନ୍ଧନ ଗ୍ୟାସ୍ ଅପୂର୍ବ ପାଲଟି ଯାଇଛି। ଗତ ଚାରି ମାସ ମଧ୍ୟରେ ଗ୍ୟାସ୍ ବି ଆସି ହଜାରେ ପାଖାପାଖି ହେଲାଣି। ପେଟ୍ରୋଲ୍ ଡ଼ିଜେଲ୍ ତ ପ୍ରତିଦିନ ବଢୁଛି। ଏଭଳି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ ବଂଚିବ କେମିତି ! ଯେତେବେଳେ ନିଜ ପିଲାଙ୍କ ପେଟକୁ ଦାନା ଯୋଗାଇ ପାରୁନି କି ଗାଡ଼ି ପାଇଁ ଟୋପାଏ ପେଟ୍ରୋଲ୍ କିଣିପାରୁନି, ସେତେବେଳେ ତା ମନରେ କ୍ଷୋଭ ଆସିବା ତ ସ୍ୱାଭାବିକ। କିନ୍ତୁ ଯଦି କଷ୍ଟ ସହିନପାରି ଆପଣ ପାଟି କରିବେ ବା ଦରଦାମ୍ ବାଧୁଛି ବୋଲି କହିବେ, ତେବେ ଭକ୍ତମାନେ ଦୌଡ଼ି ଆସିବେ। ସତେ ଯେମିତି ମହଙ୍ଗାଇର ଅନ୍ୟ ନାମ ମୋଦି ! ମହଙ୍ଗାଇ ବିଷୟରେ କହିବା ଅର୍ଥ ଆପଣ ମୋଦି ବିରୋଧୀ। ଆପଣ ଦେଶଦ୍ରୋହୀ। ତେଣୁ ମନର କ୍ଷୋଭ ବାହାର କରିବେ କ'ଣ ଆପଣଙ୍କୁ ଆପଣଙ୍କ ଭାଇଙ୍କ ସହିତ ଯୁକ୍ତି କରିବାକୁ ହେବ। ପ୍ରଥମ ଥର ପାଇଁ ଆମ ଦେଶରେ ଏପରି ପରିସ୍ଥିତି ଉପୁଜିଛି। ଏବେ ଜଣେ ଉତ୍ସାହୀ ଭକ୍ତ ଫେସ୍‌ବୁକ୍‌ରେ ଲେଖିଥିଲେ ଯେ, ଲୋକମାନେ ଧନତେରାସ୍‌ରେ ହଜାର ହଜାର କୋଟି ଟଙ୍କାର ସୁନା କିଣିଲେ, ପୁଣି ପେଟ୍ରୋଲ୍ ଡିଜେଲ୍ ଦର ଶହେ କୋଡ଼ିଏ ହେଲେ ବାଧୁଛି କାହିଁକି ? କି ଅଜବ ଯୁକ୍ତି ! କେଉଁ ପ୍ରକାର ମସ୍ତିଷ୍କ ଧୂଳେଇ ହେଲେ ଜଣେ ଏପରି ଲେଖିପାରିବ ! ତାଙ୍କୁ କେମିତି ବୁଝାଯିବ ଯେ, ହଜାର ହଜାର କୋଟି ଟଙ୍କାର ସୁନା କିଣିଥିବା ଲୋକମାନଙ୍କର ସଂଖ୍ୟା ଆମ ଦେଶରେ ଅତି ବେଶିରେ ପାଂଚ ପ୍ରତିଶତ। ସେମାନଙ୍କୁ ତୈଳ ଦର ବାଧୁ ନଥାଇପାରେ କିନ୍ତୁ ୯୫ ପ୍ରତିଶତ ଲୋକଙ୍କୁ ଏହା ବାଧୁଛି। ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏ ବିଷୟରେ ଆଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି। ଲୋକମାନେ ତାଙ୍କ ପୋଷ୍ଟର ଏପରି ଉତର ଦେବାରୁ ଉକ୍ତ ମହାଶୟା ଲେଖିଲେ ଯେ, ଶହେ କୋଟି ଲୋକ ଟୀକା ନେଲେ, ସରକାର କ'ଣ ତାଙ୍କ ଘରୁ ଟଙ୍କା ଆଣି ଦେଇଥାନ୍ତେ। ମୁଣ୍ଡ ତ ପୂର୍ବରୁ ଧୂଆ ହୋଇଯାଇଛି, ତେଣୁ ସେ ସଠିକ୍ କଥା କହିପାରନ୍ତେ ବା କେମିତି ! କେବଳ ଟୀକା ନୁହେଁ, ସରକାର ତ ସମସ୍ତ ପ୍ରକାର ଜନକଲ୍ୟାଣକାରୀ କାମ ପାଇଁ ଆମ ଠାରୁ ସକାଳୁ ସଂଜ ଯାଏ ପ୍ରତ୍ୟେକ କାମରେ କର ନେଉଛନ୍ତି। କୋଭିଡ୍ କାଳର ଏହି ଦୁଇ ବର୍ଷ ମଧ୍ୟରେ ନୂଆ ଡାକ୍ତରଖାନା ତ ସ୍ଥାପନା ହୋଇନାହିଁ। ସରକାର ସାଂସଦମାନଙ୍କ ହାତ ପାଂଠି ବନ୍ଦ କରିଦେଇଛନ୍ତି। ତଥାପି ଅଂଟିଲାନି ଯେ, ସରକାର ରାଷ୍ଟ୍ରାୟତ ସେବା ଓ ସ୍ୱାସ୍ଥ୍ୟ ଯଥା ରେଳ, ବିମାନ ଚଳାଚଳ, ଖଣି, ବିଜୁଳି, ବନ୍ଦର ଆଦି କ୍ଷେତ୍ରରେ ଥିବା ସରକାରୀ ଉଦ୍ୟୋଗ ଓ ସେବାକୁ ଘରୋଇ କଂପାନୀକୁ ବିକ୍ରି କରିଛନ୍ତି। ପୁଣି ଟଙ୍କା ପାଇଁ ସରକାର ପେଟ୍ରୋଲ୍ ଡିଜେଲ୍ ନାଁ'ରେ ଲୋକଙ୍କ ଠାରୁ ରକ୍ତ ଶୋଷିବା ପରି କର ଆଦାୟ କରୁଛନ୍ତି। ଏଠି ଆଉ ଗୋଟିଏ କଥା ମଧ୍ୟ ବିଚାର କରାଯାଇପାରେ ଯେ, ଯଦି ଦରଦାମ୍ ବୃଦ୍ଧି କରି ଲୋକମାନଙ୍କୁ ଶୋଷଣ କରି ସେଇ ଟଙ୍କାରେ ଲୋକମାନଙ୍କୁ ଟୀକା ଦିଆଯାଇଛି, ତାହେଲେ ଟୀକାକରଣ କେବଳ ମୋଦି କରେଇଛନ୍ତି ବୋଲି ପ୍ରଚାର କରାଯାଉଛି କାହିଁକି ? ଯଦି ସରକାରଙ୍କର ଟଙ୍କା ଦରକାର, ତେବେ ବଡ଼ ବଡ଼ କର୍ପୋରେଟ୍ ମାନଙ୍କ ଉପରୁ କର ଛାଡ଼ ନକରି ତାଙ୍କ ଠାରୁ କର ଆଦାୟ କରୁନାହାନ୍ତି କାହିଁକି ? ମହଙ୍ଗାଇକୁ ନେଇ ଏବେ ଗୋଟିଏ ପ୍ରକାର ନୂଆ ଆଲୋଚନା ପ୍ରାୟୋଜିତ କରାଯାଉଛି। ବିଜେପି ନେତାମାନେ ଗଣମାଧ୍ୟମ ବୁଲି ବୁଲି କହୁଛନ୍ତି, ବିକାଶ ପାଇଁ ଦରଦାମ ବୃଦ୍ଧିର ଆବଶ୍ୟକତା ରହିଛି। ଆଶ୍ଚର୍ଯ୍ୟ କଥା ! ୨୦୧୪ ପୂର୍ବରୁ ବିଜେପି ନେତାମାନେ କ'ଣ ଏହା ବୁଝିନଥିଲେ ଉପା ସରକାର ସମୟରେ ସାମାନ୍ୟ ବି ଦରଦାମ୍ ବୃଦ୍ଧି ହେଲେ ସ୍ମୃତି ଇରାନୀଙ୍କ ଠୁ ଆରମ୍ଭ କରି ଅରୁଣ ଜେଟଲୀଙ୍କ ପର୍ଯ୍ୟନ୍ତ ବିଜେପି ନେତାମାନେ ରାଜରାସ୍ତାକୁ ଓହ୍ଲେଇ ଆସୁଥିବା ବେଳେ ଏବେ ଦରଦାମ୍ ବୃଦ୍ଧିଟା ଅବଶ୍ୟମ୍ଭାବୀ ହୋଇଗଲା କିପରି ଠିକ୍ ଅଛି, ମନେକରାଯାଉ ଯେ, ବିକାଶ ପାଇଁ ଦରଦାମ୍ ବୃଦ୍ଧି ଆବଶ୍ୟକ।

# ଏସବୁ କଣ ଅକୁହା କଥା ନୁହଁ ?

// ଉତ୍କଳାନନ୍ଦ ଅଜୟ ବେହେରା //

ଆନନ୍ଦପୂର୍ଣ୍ଣ, ସ୍ନେହପୂର୍ଣ୍ଣ, ପ୍ରେମପୂର୍ଣ୍ଣ, ମମତାପୂର୍ଣ୍ଣ, କଥାକୁ ସମସ୍ତେ ଭଲ ପାଆନ୍ତି। ମାତ୍ର କଟୁକଥା ବା କ୍ରୋଧାନ୍ୱିତ ବଚନ, କେହି ଭଲପାଆନ୍ତି ନାହିଁ। ଆଳପୂର୍ଣ୍ଣ କଥା ଅଛି। ପ୍ରସଙ୍ଗ ଭିନ୍ନରେ କଥା କହି ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ପୁଣି କଟୁଆଳୀ ଭାଷା ପ୍ରୟୋଗ କରାଯାଏ। ପରର ଭୁଲ ଦର୍ଶାଇ, ନିଜର ଭୁଲ ଲୁଚାଇ ବ୍ୟକ୍ତି ମାମଲା, କରନ୍ତି ଫେରାଦ ହୁଅନ୍ତି। ମାମଲା ବୁଝିବା ବିଚାରପତି ବା ପୋଲିସ ବାଦୀ ପ୍ରତିବାଦୀଙ୍କୁ ଜେରା କରି ଅସଲ କଥା ବାହାର କରି ପ୍ରକୃତ ଅପରାଧିକୁ ଦୋଷୀ ସାବ୍ୟସ୍ତ କରାନ୍ତି। ଏଥିପାଇଁ ବିଚାରକୁ ପୁରା କରି କଥାଠାର ଆଳ ସୃଷ୍ଟି କରନ୍ତି। ଯୁବକ, ଯୁବତୀ ଉଦ୍ଦେଶ୍ୟ ପୂରଣ ପାଇଁ ପ୍ରେମର ଜାଲ ବସାନ୍ତି, ଏକ ମାୟା ଛଳନାର କଥା ପ୍ରସଙ୍ଗର ଦ୍ୱାହିରେ ମୁଦିର କାମ, ମୁଦି ବା ସିଲ କରିବା। କନ୍ୟାକୁ ବୋହୁ କରିନେବା ପାଇଁ ବରପକ୍ଷର ଲୋକ ଆଙ୍ଗୁରୀୟ ଉତ୍ସବ କରୁଛନ୍ତି। ବିବାହ ହେଲାବେଳେ କନ୍ୟାକୁ ବରଘର ଓ ବରକୁ କନ୍ୟାଘର ଏକ ସୁନା ଚେନ ବା ହାରରେ ବାନ୍ଧି ଦିଅନ୍ତି। ସେହି ଚେନରୁ ଏକ ଅଦୃଶ୍ୟ ରସି କନ୍ୟାର ବରଘରେ ଓ ବରର କନ୍ୟାଘରେ ରହିଥାଏ। ସ୍ନେହ ମମତା ବନ୍ଧନର ଏ ଚେନ ବାହାରର ପଘା ତାଙ୍କର ଅକ୍ତିଆର କରିଥାଏ। ଜୁଲମ କରି ବର, କନ୍ୟାକୁ ନନେଇ ଏମିତି ପରିବେଶ ସୃଷ୍ଟି କରାଯାଉଛି ଯହିଁରେ ବିବାହ ଅନୁଷ୍ଠାନ ପରେ କନ୍ୟାର ମେଲାଣି ଶୋକାକୁଳ ପରିବେଶରେ ରହିଥାଏ। ଏ ସମୟରେ କନ୍ୟା ତରଫ କନ୍ୟାର ଭାଇ ପରି ଯୁବକ ବରର ସବାରୀ ବା ଯାନରେ କନ୍ୟାକୁ ଭିଡ଼ିନେଇ ବସାଇ ବର ସହିତ ବରଘରକୁ ପଠାଉଛନ୍ତି। ପୂର୍ବେ କନ୍ୟାକୁ ହାତଧରି ଝିଙ୍କି ନେବା ପଦ୍ଧତିରେ କ୍ଷତ୍ରୀୟ ଦସ୍ୟୁଗିରି ବିବାହ ଥିଲା। ଦ୍ୱାରିକାଧିପତିକୃଷ୍ଣ ରୁକ୍ମଣୀଙ୍କୁ, ଅର୍ଜୁନ ସୁଭଦ୍ରାଙ୍କୁ ଏପରି ବିବାହ କରିଥିଲେ। ବିବାହ ନକରି ବି କନ୍ୟାଙ୍କୁ ଭୋଗ୍ୟା ରୂପେ ଅନେକ ରାଜା ବାଦଶା, ସୁଲତାନ ଯୁଦ୍ଧ ଅସ୍ତ୍ର ଭୟରେ ଚଲାଇ ଭିଡ଼ିନେଇଛନ୍ତି। ସୀତାଙ୍କୁ ରାବଣ ଏମିତି ଉଠାଇ ନେଇ ଆକାଶମାର୍ଗରେ ସ୍ଥାନାନ୍ତର କରିଥିଲେ ମାତ୍ର ଉଦ୍ଦେଶ୍ୟ ଭିନ୍ନ ଥିବାରୁ ସୀତାଙ୍କୁ ପରେ ସ୍ପର୍ଶ କରିନଥିଲେ। ଶରୀର ଭାଷାକୁ ସମସ୍ତେ ଚିହ୍ନନ୍ତୁ ଏକ ସୂଚନା ରଖିଛନ୍ତି ରାବଣ ଏମିତି ଶରୀରର ଇଙ୍ଗିତ ଭାଷା ଏକ କଥା।

ଦ୍ରୌପଦୀ, ସାବିତ୍ରୀ, ପାର୍ବତୀ ଏମାନେ ରାଜକୁମାରୀ ନିଶ୍ଚେ ଅଳ୍ୟଳରେ ବଢ଼ିଛନ୍ତି। ଏମାନେ ବିବାହ ପାଇଁ ଯାହାଙ୍କୁ ବାଛିଛନ୍ତି ବା ପରିସ୍ଥିତିରେ ଯେତେବେଳେ ଅର୍ପିତ ହେବାକୁ ବାଧ୍ୟ ହୋଇଛନ୍ତି, ସେତେବେଳେ ଯାହାଙ୍କୁ ବିବାହିତ ସେମାନେ କେବେ ଧନୀ ରାଜପୁରୁଷ ନଥିଲେ। ଦ୍ରୌପଦୀ ପାଂଚ ଜଣଙ୍କ ବିବାହ କଲେ। ସାବିତ୍ରୀ ସତ୍ୟବାନଙ୍କୁ ନିଜେ ବାଛି ତାଙ୍କର କଣ ସଦ୍‌ଗୁଣ ଦେଖି ପିତାଙ୍କୁ ପ୍ରଭାବିତ କରି ବିବାହ କରିଥିଲେ ତାହାର ଇଙ୍ଗିତକୁ ଭଲ ଭାବରେ କେହି ନବୁଝି। ଯେଉଁ ସାବିତ୍ରୀ ବ୍ରତରେ ସ୍ୱାମୀଙ୍କୁ ଶାଢ଼ୀ ଗହଣା ଭୋଜନ ପାଇଁ ଫଳମୂଳ ବରାଦ କରୁଛନ୍ତି ଏହା ଏକ ଭୁଲ ଚିନ୍ତା। ଶିବଙ୍କ ଧୈର୍ଯ୍ୟବାନ ସ୍ଥିତିରେ ଶରୀରକୁ ଇନ୍ଦ୍ରିୟ ମାନଙ୍କୁ ପ୍ରବଳ କଷ୍ଟ ଦେଇ ଯେଉଁ ସାଧନା କରିବା ପାର୍ବତୀ ଦେଖିଥିଲେ ସେହି ପରମାବିଦୁଷୀ ତାଙ୍କୁ ଜଣେ ଅନ୍ୟାନ୍ୟ ବ୍ୟକ୍ତି ଓ ମହାନ ବୁଝି ବିବାହକୁ ମାନସ କରିଥିଲେ।

ଜଣେ ଅଲ୍ୟାଳି ରାଜକୁମାରୀ ବାଛିଲେ ଜାତି, ଗୋତ୍ର, କୁଳଶୀଳ, ଘରଗ୍ରାମ, କିଛି ଖୋଜ କରିନାହାଁନ୍ତି। ବିବାହରେ ଜାତିଗୋତ୍ର କୁଳଶୀଳ ବରର ଆୟ ସବୁ ପିତାମାତା ହିଁ ପ୍ରଥମେ ଖୋଜନ୍ତି। ଏଥିରେ ବି ଭାଷା ସମ୍ବନ୍ଧ ଏହି ତିନି ରାଜକୁମାରୀଙ୍କ ଅଛି। ନୀରବ ଦେବ ନିବେଦନ ସିଦ୍ଧିପାଇଁ ଅବଶ୍ୟ ରହିଛି। ଏବେ 'ଘଟକ' ବା ବିବାହ ମଧ୍ୟସ୍ଥି କାର୍ଯ୍ୟ ଏକ ବିଶେଷ ବୃତି ହେଲାଣି। ଏଥିରେ କନ୍ୟାଙ୍କୁ ବର ଓ ବରକୁ କନ୍ୟା ଯୋଗାଇବା ଧନ୍ଦା ଜଡ଼ିତ। ପୂର୍ବେ କନ୍ୟା ବିବାହ ପାଇଁ ବନ୍ଧୁ ବାନ୍ଧବ ସମ୍ପର୍କ ଲତାକିତାରେ ଖୋଜାଯାଇ କରାଯାଉଥିଲା। ଝିଅଙ୍କ ଖବର ଭଲମନ୍ଦ ସହଜରେ ଜାଣିବା ପାଇଁ ଏକ ସୂକ୍ଷ୍ମ ବ୍ୟବସ୍ଥା ଏଥିରେ ଜଡ଼ିତ ଥିଲା। ଏବେ ଦେଲୁ ନାରୀ ହେଲୁ ପାରି, ଏଇ ଭାବ ସହିତ ଦେଶାନ୍ତରୀ ଦରିଆପାରି ବର ସହିତ କନ୍ୟାକୁ ବିବାହ ସମ୍ପର୍କ ଯୋଡ଼ି ବିଦାୟ କରାଯାଉଛି। ରୋଜଗାରୀ ବରପାତ୍ରକୁ ସମସ୍ତେ ଖୋଜୁଛନ୍ତି, ମାଲଦାର ବରପିତା, ଓ ବିଦୁଷୀ, ଅର୍ଥ ଆୟକାରିଣୀ ଖୋଜା ପଡୁଛି। ଏଥିରେ ବର ଦୁର୍ଗୁଣ କନ୍ୟାର ଦୁର୍ଗୁଣକୁ ଯାହା ପରେ ପ୍ରକାଶ ପାଇଁ ହଇରାଣ ହରକତ କୋର୍ଟ କଚେରୀର ଦ୍ୱାର ହେବାକୁ ପଡ଼ିବ କେହି ଦେଖୁନାହିଁ। ଏଥିରେ କପଟ କଥା ଉଭୟରେ ଲୁଚି ରହିଛି ସମୟାନ୍ତରକୁ ଏହା ପ୍ରକାଶ ହେଉଛି। ଘଟକମାନେ ତାଙ୍କ ବୃତି ଜାହିର ପାଇଁ ମୋଟୀ, ଛୋଟି, କାଳୀକୁ ରଙ୍ଗେଇ ସୁନ୍ଦର ରଙ୍ଗ ଦେଇ ବରଘର ଆଗରେ କହି ପାରନ୍ତି ଫଟେରେ କଳାକୁ ମହଗୌରୀ କରାଯାଇପାରେ, ଏଥିରେ ସୁନ୍ଦରୀ କାର୍ଯ୍ୟାଳୟ (ବିଉଟି ପାର୍ଲର) ଜଡ଼ିତ ବାଡୁଅ ପାଣି ଗାଧୋଇବା ପରେ କନ୍ୟା ପଦାକୁ ଯିବା ମନା ହେଲେ ଭଲ ବିଉଟି ପାର୍ଲରକୁ କନ୍ୟାମାନେ ଅବାଧରେ ଯାଇପାରୁଛନ୍ତି। ବରର କେହି ସାର୍ଟିଫିକେଟ ଦେଖୁନାହିଁ। ସାର୍ଟିଫିକେଟରେ ପାଠରେ ରଖିଥିବା ନମ୍ବର ଅନେକ ସମୟରେ ଉଲ୍ଲେଖ ଥାଏ। ଭଲ ନମ୍ବର ରଖିବା ବିଦ୍ୟାର୍ଥୀର ଲୟ ଅନ୍ୟଥିରେ ରହିନପାରେ ମାତ୍ର କିଛି ବ୍ୟକ୍ତି ପାଠପଢ଼ିବା ପରେ ରୋଜଗାର ପାଇଁ ଲୋଭ କରନ୍ତି। ଦରମା ବାଦ ଉଦ୍‌ବୃତ ଆଶା କରନ୍ତି। ଅର୍ଥ ସହିତ ଉପଢ଼ୌକନ ମିଳିଯାଏ। ଏ ଆସେ ଦାମ୍ପତ୍ୟ ଜୀବନ କଳୁଷିତ କରିବା ପାଇଁ। ଅନୈତିକ ଆୟ ପଂଚମକାରର ବାମ ମାର୍ଗରେ ପୁରାଏ। ପଂଚମରେ ଅନେକ ଜିନିଷ ଆସିଥାଏ ପୂର୍ବେ ଏହା ତନ୍ତ୍ରରେ ଥିଲା ଏବେ ବଡ଼ ବଡ଼ ବ୍ୟକ୍ତିଙ୍କ କାର୍ଯ୍ୟଶୈଳୀରେ ପଶିଗଲାଣି। ଏମିତି ଅକୁହା କଥାରେ ବଡ଼ ବଡ଼ ବାବୁଙ୍କ ଶ୍ୱଶୁର, ଶାଶୁ, ସ୍ତ୍ରୀ ଗୁପ୍ତରେ ଲୁହ ଗଡ଼ାନ୍ତି। ଏହା ବି ଅକୁହା କଥା। କି ମୋବାଇଲ ଫୋନ ହେଲା ଏକ ମାୟା ଏଥିରେ ଜଡ଼ିତ ଦାମ୍ପତ୍ୟ କଳହ କୁଆଡ଼େ କ୍ଷଣସ୍ଥାୟୀ ଥିଲା ଏବେ କଳିର ଧାରା ବିବରଣୀ ସାଥି ସାଥି ବାପଘରକୁ ଟେଲିକାଷ୍ଟ ପରେ ପରେ ଦାବୀଦାର ଚାପଦାର ଉଭା। ସମୟ ଜନସଂଖ୍ୟା ବୃଦ୍ଧିର ନାରୀଙ୍କୁ କର୍ମ ନିୟୋଗ କରାଯିବ। ନାରୀର ସ୍ୱାଧୀନ ଉପାର୍ଜନ ଦିଗର ଭଲ ଦିଗକୁ ବଢ଼ାଯିବ। ଆଦିମ ବୃତିକୁ ଗୌଣ କରାଯିବ। ହେଲେ ପୂର୍ବେ ଦାସୀ ପୋଇଲି ବୃତିରୁ ଆହୁରି ହୀନ ବା ତତୁଲ୍ୟ ପଦରେ ତାଙ୍କୁ ରଖାଯାଉଛି। ଥୋପ ଦେଖାଇ ମାଛ ମାରିବା ପରି, ଭବିଷ୍ୟତର ଥୋପ ଦେଖାଇ ଠିକାଦାର ମାର୍ଫତରେ ସରକାରୀ ଅନୁଷ୍ଠାନରେ ବଡ଼ ବଡ଼ କମ୍ପାନୀରେ ସମାନ କାମକୁ ସମାନ ଦରମାରେ ରଖାଯାଇନାହିଁ, ବରଂ ଅନେକ ମୂଲ୍ୟବାନ କାମରେ ରଖାଯାଇ ତତ୍ ବିଦ୍ୟା ଅନୁଭୂତି ପୂର୍ବରୁ ମୁତୟନଙ୍କ ନାଲି ଆଖିରେ କାମ କରିବାକୁ ପଡୁଛି। ଏଥିରେ ପୂର୍ବରୁ ଥିବା ନାରୀ ଅଧିକର୍ତା ବି ଟିକେ ବିଗଳିତ ହେଉନାହାଁନ୍ତି। ସମସ୍ତଙ୍କର ଖାଲିପାଦ, ଘରେ ଦାଣ୍ଡ ଦ୍ୱାରବନ୍ଧରେ ବାଉଁଶ କବାଟ ନେପଟା ଘର, ବଳଦ ଗାଈ ଅଗଣା ଦାଣ୍ଡରେ ବନ୍ଧାଗଲେ ଜମିଦାରଙ୍କ କାନକୁହାଙ୍କ ଦୃଷ୍ଟିରେ ଆସିଲେ ସର୍ବନାଶ ଗଲ ବଳଦ ଗଲାଗାଈ ଭଲ ଧାନ ଫସଲ ଜମିରେ ଉତୁରିଲେ ଜମିଯିବ ନଚେତ ଫସଲ ଯିବ। କାଠ ଯନ୍ତ୍ର ଡଙ୍ଗା, ଘଣା, ତନ୍ତ, ଲଙ୍ଗଳ, ଯୁଆଳୀ, ଶଗଡ଼, ଢ଼ିଙ୍କି ପରି ବ୍ୟବହାର ବୃତିର ଉତ୍ସ ରଦ୍ଧ ହୋଇଗଲା। କାଠ ଆଲମାରୀ, ଚୌକି, ମେଜ, ସିନ୍ଦୁକ ରଦ୍ଧ। ଚାହୁଁ ଚାହୁଁ ଅନେକ ବୃତି ରଦ୍ଧ, ଏମାନଙ୍କୁ ବେକାର କରି ନୂଆ ବୃତିରେ ମୁତୟନ ପାଇଁ କେହି ଚେଷ୍ଟ କରିନାହାଁନ୍ତି କି, ବୃତି ସଂସ୍କାର କରିନାହାଁନ୍ତି। ସେ ଜାତିର ଦଳବେହେରାଙ୍କୁ କେହି ମାନ୍ୟତା ଦେଉନାହାଁନ୍ତି କି, ତାଙ୍କ କଥା କେହି ଶୁଣନ୍ତିନାହିଁ। ଯାହାକୁ ଭେକ ହେଉଛି ସେ ଦଳର ନେତା ବିଲୁପ୍ତ, ଯେ ଖାଇ ବଂଚିଛି ସେହି ଲୋକ ଭେକ ଭେକ ପାଟି କରୁଛନ୍ତି। ଏସବୁ କଣ ଅକୁହା କଥା ନୁହଁ?

# ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନର ଶୁଭାରମ୍ଭ, ନବସୃଜନ ଓ ଉଦ୍ୟୋଗକୁ ପ୍ରୋତ୍ସାହନ

ଭୁବନେଶ୍ୱର : ବାସ୍ତବ ଜୀବନର ପ୍ରତ୍ୟେକ ସମସ୍ୟା ଭିତରେ ଲୁଚି ରହିଥାଏ ଏକ ନୂଆ ସମ୍ଭାବନା । ତେଣୁ, ଏହାକୁ ଚିହ୍ନଟ କରିବା ସହ ନୂତନ ଚିନ୍ତାଧାରା ଓ ନବସୃଜନ ଶକ୍ତିକୁ ଏକାଠି କରି ବାସ୍ତବ ସମସ୍ୟାର ପ୍ରଭାବଶାଳୀ ସମାଧାନ ଖୋଜିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ - 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ'। ଭୁବନେଶ୍ୱରସ୍ଥିତ 'ଓ-ହବ୍'ଠାରେ ଆଜି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ ହୋଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମିଳିତ ଉଦ୍ୟମରେ ରାଜ୍ୟବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ଏହି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ କହିଥିଲେ, ''ଆମ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଭିତରେ ଅନନ୍ୟ ପ୍ରତିଭା ରହିଛି । ଏହାକୁ ଉପସ୍ଥାପନ କରିବା ପାଇଁ 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ଏକ ବଳିଷ୍ଠ ମଞ୍ଚ । ଆଶାୟୀ ନବସୃଜନକାରୀମାନେ ଏଥିରେ ଅଂଶ ଗ୍ରହଣ କରିବା ସହ ନିଜର ଅଭିନବ ଆଇଡିଆକୁ ନୂତନ ଆକାର ଦେଇ ସମାଜରେ ବିଶେଷ ପରିବର୍ତ୍ତନ ଆଣିପାରିବେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେ, ରାଷ୍ଟ୍ର ନିର୍ମାଣରେ ନବସୃଜନକୁ 'ସେବା'ର ଏକ ମାଧ୍ୟମ ଭାବେ ଉପଯୋଗ କରାଯାଇପାରିବ । ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ନବସୃଜନ କେବଳ ବଡ଼ ବଡ଼ ଲାବୋରେଟୋରୀରୁ ବାହାରେ ନାହିଁ, ଏହା ଗାଁ ଗହଳିରୁ ମଧ୍ୟ ସୃଷ୍ଟି ହୋଇପାରେ ।କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ତଥା ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ରଶ୍ମିତା ପଣ୍ଡା 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ'ର ଆଭିମୁଖ୍ୟ ବିଷୟରେ କହିଥିଲେ। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଓଏସଏଫଆଇସି ୱେବ୍ ପୋର୍ଟାଲ୍ ଉନ୍ମୋଚନ କରାଯାଇଥିଲା । ଏଥିସହ ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଏମ୍ସ ଭୁବନେଶ୍ୱର, ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ ଆସୋଚାମ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା । ଅଗ୍ରଣୀ ଇନ୍‌କ୍ୟୁବେଟର ଅକ୍ୟୁରେଟ୍, ନିଷ୍ଟ, ସିପେଟ୍ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟକୁ ଏକକାଳୀନ ପୁଞ୍ଜି ଅନୁଦାନ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ସୃଜନଶୀଳ ପ୍ରତିଯୋଗିତାରେ ମୋଟ ୨୧ଟି ପ୍ରମୁଖ ବିଷୟ ରହିଛି । ଏହି କାର୍ଯ୍ୟକ୍ରମରେ ସ୍କୁଲ୍ ଓ କଲେଜ ସହିତ ଆଇଟିଆଇ ଏବଂ ପଲିଟେକନିକର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଓ ଏମଏସଏମଇ ଉଦ୍ୟୋଗୀ, କୁଶଳୀ ଓ ଅର୍ଦ୍ଧ କୁଶଳୀ ଯୁବପିଢ଼ି, କାରିଗର ଓ ପ୍ରଗତିଶୀଳ କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଙ୍ଗଠନ, ଏନସିସି, ଏନଏସଏସ, ଏନୱାଇକେଏସ୍ ୟୁନିଟ୍ ଏବଂ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିପାରିବେ । ଷ୍ଟାର୍ଟଅପ୍ ଓଡ଼ିଶା ୱେବସାଇଟରେ https://osfic.startupodisha.org/register ପଞ୍ଜୀକରଣ କରି ଏଥିରେ ଅଂଶଗ୍ରହଣ କରିପାରିବେ । ୧୦୦ଟି ଶ୍ରେଷ୍ଠ ଆଇଡିଆ ଓ ପ୍ରୋଟୋଟାଇପକୁ ଇନକ୍ୟୁବେସନ କେନ୍ଦ୍ର ମାଧ୍ୟମରେ ପ୍ରୋତ୍ସାହନ ଦିଆଯିବ । ରାଜ୍ୟସ୍ତରୀୟ ଗ୍ରାଣ୍ଡଫିନାଲେରେ ବିଭିନ୍ନ ବର୍ଗରେ ବିଜେତାଙ୍କୁ ଆର୍ଥିକ ପରସ୍କାର ପ୍ରଦାନ ସହ ଚୟନ ହୋଇଥିବା ନବସୃଜନକୁ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ ।

# ଭିଆରଏସ ନେବେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର : ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ ଗୋପାଳନ ଭିଆରଏସ ନେବେ ।ଚାକିରିରୁ ସ୍ୱେଚ୍ଛାକୃତ ଅବସର (ଭିଆରଏସ) ପାଇଁ ସେ ଆବେଦନ କରିଛନ୍ତି। ଶାରୀରିକ ଅସୁସ୍ଥତା ଏବଂ କେତେକ ବ୍ୟକ୍ତିଗତ କାରଣ ପାଇଁ ସେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତାମିଲନାଡୁ ବାସିନ୍ଦା ଶ୍ରୀ ଗୋପାଳନ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ। ୨୦୦୧ ବ୍ୟାଚର ଏହି ପ୍ରଶାସନିକ ଅଧିକାରୀ ବର୍ତ୍ତମାନ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ଆର. ଏସ. ଗୋପାଳନ ପ୍ରାୟ ଦୁଇ ବର୍ଷ ହେବ ଓଡ଼ିଶାର ସିଇଓ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହା ସହିତ ସେ ଅବକାରୀ ବିଭାଗର ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସେ ୨୦୨୮ ଜୁଲାଇ ମାସରେ ଚାକିରିରୁ ଅବସର ନେଇଥାନ୍ତେ। ନିଜ ଚାକିରି ସମୟ ପ୍ରାୟ ଦେଢ଼ ବର୍ଷ ବାକି ଥିବା ବେଳେ ସେ ଭିଆରଏସ ପାଇଁ ଆବେଦନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ନିକଟରେ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିଲା।

# ଜୋରଦାର ହେବ ସେବା ସଂକଳ୍ପ ଅଭିଯାନ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଜେପି ବିଧାୟକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୧ ଜଣ ମନ୍ତ୍ରୀ, ୫୬ ଜଣ ବିଧାୟକ ଉପସ୍ଥିତ ଥିଲେ । ରାଜ୍ୟ ସଭାପତି ମନମୋହନ ସାମଲ ବୈଠକର ଅଧକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏକ ମାସବ୍ୟାପି ସେବା ସଂକଳ୍ପ ଅଭିଯାନକୁ ନିଜ ନିଜ ନିର୍ବାଚନ ମଣ୍ଡଳୀରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଧାନସଭା ପାଇଁ ଅଭିଯାନ କାର୍ଯ୍ୟ ହୋଇପାରୁ ନଥିବାରୁ ସେବା ସଂକଳ୍ପ ଅଭିଯାନକୁ ଜୋରଦାର କରିବାକୁ ରାଜ୍ୟ ସଭାପତି ନିର୍ଦ୍ଦେଶ ଦେଇଥିବା ବିଧାୟକମାନେ ବୈଠକ ପରେ କହିଛନ୍ତି । ସେବା ସଂକଳ୍ପ ଅଭିଯାନର ପରବର୍ତ୍ତି କାର୍ଯ୍ୟନିର୍ଘଣ୍ଟ ମଧ୍ୟ ପ୍ରସ୍ତୁତ ହୋଇଛି । ଏହାସହ ସାଙ୍ଗଠନିକ ଆଲୋଚନା ହୋଇଥିଲା । ବିଧାୟକମାନଙ୍କ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା ବୋଲି ବିଧାୟକମାନେ କହିଛନ୍ତି ।

## ବାୟୋ ଫୁଏଲରେ ଆଇଓସିଏଲ କରିବ ନିବେଶ

# ୯୬୦ କୋଟି ଟଙ୍କା ନିବେଶ ୮ ଜିଲ୍ଲାରେ ହେବ ପ୍ରକଳ୍ପ

ଭୁବନେଶ୍ୱର : ବାୟୋ ଫୁଏଲ କ୍ଷେତ୍ରରେ ଇଣ୍ଡିଆନ ଅଏଲ କର୍ପୋରେସନ ( ଆଇଓସିଏଲ) କରିବ ବଡ ନିବେଶ । ୯୬୦ କୋଟି ଟଙ୍କା ନିବେଶ କରି ୮ ଜିଲ୍ଲାରେ କରିବ ବାୟୋ ଗ ପ୍ରକଳ୍ପ । ବାଲେଶ୍ୱର, ବଲାଙ୍ଗିର, ବରଗଡ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ହେବ ଏହି ପ୍ରକଳ୍ପ ।ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୯ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ୩,୨୮୦.୫୮ କୋଟି ଟଙ୍କାର ନିବେଶ ହେବ। ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୟନ ଓ ପୋଷାକ , ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର, ଜୈବ-ଇନ୍ଧନ (ବାୟୋଫୁଏଲ୍), ରାସାୟନିକ ପଦାର୍ଥ ଓ ଉତ୍ପାଦନ , ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ପ୍ରକଳ୍ପଗୁଡିକୁ ମଞ୍ଜୁରୀ ମିଳିଛି। ଅନୁଗୁଳ, ଦେବଗଡ, ଗଞ୍ଜାମ, ଜଗସିଂହପୁର, ଝାରସୁଗୁଡା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ, ସୁନ୍ଦରଗଡ ଜିଲ୍ଲାରେ ଏହି ପ୍ରକଳ୍ପ ହେବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଆମର ଧ୍ୟାନ କେବଳ ନିବେଶ ଆକର୍ଷିତ କରିବା ଉପରେ ନୁହେଁ, ବରଂ ବିଭିନ୍ନ ଅଞ୍ଚଳରେ ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ରହିଛି। ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୨୫ କୋଟି ନିବେଶ କରିବ। ୧୧୮୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସାଇ ୱାର୍କୱେୟାର ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ଏକ ବୟନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୫୯ କୋଟି ନିବେଶ ସହିତ ୩୬୫୦ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବୟନ ଏବଂ ବୈଷୟିକ ବୟନ ଇକୋସିଷ୍ଟମକୁ ମଜବୁତ କରିବ ବୋଲି ଆଶା କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ, ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ୧୨୦ କୋଟି ନିବେଶ କରିବ। ଜୟ ଭବାନୀ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ୧୦୦ କୋଟି ନିବେଶ କରି ସମନ୍ୱିତ ଖାଦ୍ୟ ଏବଂ ମିଠା ସହ-ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରିବ। ଷ୍ଟିଲ୍ ଡାଉନଷ୍ଟିମ୍ କ୍ଷେତ୍ରରେ ତିନୋଟି ନିବେଶ ହେବ। ଏସପିଏସ୍ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଦେବଗଡ଼ ଠାରେ ୧୪୦ କୋଟି ଟଙ୍କା ନିବେଶ କରିବ। ଷ୍ଟିଲ୍‌ଏଜ୍ ଫ୍ୟାବ୍ରିକେସନ୍ ସୁନ୍ଦରଗଡ଼ ଠାରେ ୧୦୮.୮୨ କୋଟି ଟଙ୍କା ନିବେଶ କରି ଏକ ଫ୍ୟାବ୍ରିକେସନ୍ ଓ ମେସିନିଂ ୟୁନିଟ୍ ସ୍ଥାପନ କରିବ । ଭୁବନେଶ୍ୱର ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ କଟକ ଠାରେ ୧୦୧.୯୯ କୋଟି ଟଙ୍କା ନିବେଶ କରିବ। ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର 'ଟାଟା ପାୱାର' ଖୋର୍ଦ୍ଧା ଠାରେ ୫୪.୩୧ କୋଟି ଟଙ୍କା ନିବେଶ କରି ଏକ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର' ସ୍ଥାପନ କରିବ। ସେହିପରି କିନେଟା ଗ୍ଲୋବାଲ୍ ଲିମିଟେଡ୍ ୧୭୦ କୋଟି ଟଙ୍କା ନିବେଶରେ ଗଞ୍ଜାମ ଜିଲ୍ଲାରେ ଜୈବ-ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ରସାୟନ ଏବଂ ରାସାୟନିକ ଉତ୍ପାଦ କ୍ଷେତ୍ରରେ ଆକ୍ୱାପ୍ରୁଫ୍ ୱାଲକେୟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୬୨.୬୪ କୋଟି ଟଙ୍କା ନିବେଶରେ କଟକଠାରେ ରସାୟନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଆସିପିୟା କେମିକାଲ୍ସ ଆଣ୍ଡ ସଲଭେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରଠାରେ ପେଟ୍ରୋଲିୟମ୍ ଓ ପେଟ୍ରୋକେମିକାଲ୍ ସଲଭେଣ୍ଟ ଡିଷ୍ଟିଲେସନ୍ ୟୁନିଟ୍ ସ୍ଥାପନ କରିବ ।ରାମୁକା ଗ୍ଲୋବାଲ୍ ଏଲ୍ଏଲପି ୫୦.୧୫ କୋଟି ଟଙ୍କା ନିବେଶରେ ଅନୁଗୋଳଠାରେ ଲୁହା ଓ ଇସ୍ପାତ ସ୍ଲାଗ୍ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିବ। ପ୍ଲାଷ୍ଟିକ୍ କ୍ଷେତ୍ରରେ ଶ୍ରୀ ଦକ୍ଷିଣେଶ୍ୱରୀ ମା' ପଲିଫ୍ୟାବ୍ସ ଲିମିଟେଡ୍ ଖୋର୍ଦ୍ଧାଠାରେ ଏକ କାରଖାନା ସ୍ଥାପନ କରିବ। ପର୍ଯ୍ୟଟନ କ୍ଷେତ୍ରରେ ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ ଏବଂ ପୁରୀ ଜିଲ୍ଲାରେ ପାଞ୍ଚୋଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ବିବିବି ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମଠାରେ ୨୦୮.୦୪ କୋଟି ଟଙ୍କା ନିବେଶରେ ଏକ ୫-ତାରକା ହୋଟେଲ୍ ସ୍ଥାପନ କରିବ। ସେହିପରି ସି-ପର୍ଲ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ପୁରୀଠାରେଏକ ୫-ତାରକା ବିଚ୍ ରିସର୍ଟ ସ୍ଥାପନ କରିବ ।

# ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଲେ ସ୍କୁଲ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ : ଜାତୀୟ ଏକତା ଯାତ୍ରାର ଅଂଶ ସ୍ୱରୂପ ସିକିମର ଗ୍ୟାଙ୍ଗଟକ୍ ଏବଂ ଅରୁଣାଚଳ ପ୍ରଦେଶର ତୱାଙ୍ଗର ଲୋହ ଗୋମ୍ପାରୁ ଛାତ୍ରମାନଙ୍କ ଏକ ଗୋଷ୍ଠୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ପିଲା ମାନଙ୍କ ସହିତ ସେମାନଙ୍କର ସାକ୍ଷାତର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଦୁଇଟି ଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରମାନେ ସେମାନଙ୍କର 'ଜାତୀୟ ଏକତା ଯାତ୍ରା' ସମୟରେ ରାଷ୍ଟ୍ରପତି ଭବନ ପରିଦର୍ଶନ କରିଥିଲେ ଏବଂ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ । ଏହି ଆଲୋଚନା ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ରାଜଧାନୀ ଗସ୍ତ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାର ସୁଯୋଗ ଦେଇଥିଲା । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ସ୍ୱପ୍ନ ଦେଖିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରପତି ଭବନର ଏକ ସୋସିଆଲ ମିଡିଆ

ପୋଷ୍ଟରେ କୁହାଯାଇଛି,'ସିକିମର ଗ୍ୟାଙ୍ଗଟକର ଲୋହ ଗୋମ୍ପା ଏବଂ ଅରୁଣାଚଳ ପ୍ରଦେଶର ତୱାଙ୍ଗର ଛାତ୍ରମାନଙ୍କ ଗୋଷ୍ଠୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ ।' ଏହି ଛାତ୍ରମାନେ 'ଜାତୀୟ ଏକତା ଯାତ୍ରା'ର ଅଂଶ ଭାବରେ ରାଷ୍ଟ୍ରପତି ଭବନ ଆସିଥିଲେ । ଛାତ୍ରମାନଙ୍କ ସହିତ ଆଲୋଚନା କରିବା ସମୟରେ, ରାଷ୍ଟ୍ରପତି ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଦୃଢ଼ତାର ସହିତ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ଏବଂ ଦେଶର ପ୍ରଗତି ଏବଂ ବିକାଶରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ । ଆଲୋଚନା ସମୟରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀ ମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ଦୃଢ଼ତାର ସହିତ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରିଥିଲେ । ସେ ସେମାନଙ୍କୁ ଦେଶର ପ୍ରଗତି ଏବଂ ବିକାଶରେ ଯୋଗଦାନ ଦେବାକୁ ମଧ୍ୟ ପ୍ରେରଣା ଦେଇଥିଲେ । ଛାତ୍ର ମାନଙ୍କ ସହିତ ଆଲୋଚନା ସମୟରେ, ରାଷ୍ଟ୍ରପତି ସେମାନଙ୍କର ଆଶା ଏବଂ ଦେଶର ପ୍ରଗତି ଏବଂ ବିକାଶରେ ସେମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ସେ ଛାତ୍ର ମାନଙ୍କୁ ଦୃଢ଼ତାର ସହିତ ସେମାନଙ୍କର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଏବଂ ଦେଶର ବିକାଶରେ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ । ରାଷ୍ଟ୍ରପତି ଭବନରେ ହୋଇଥିବା ଆଲୋଚନା ଛାତ୍ରମାନଙ୍କୁ ରାଷ୍ଟ୍ରପତିଙ୍କୁ ଭେଟିବା ଏବଂ ସେମାନଙ୍କ ସ୍ୱପ୍ନ ହାସଲ କରିବା ବିଷୟରେ ତାଙ୍କର ବାର୍ତ୍ତା ଶୁଣିବାର ସୁଯୋଗ ପ୍ରଦାନ କରିଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ପ୍ରୟାସରେ ଅଟଳ ରହିବାକୁ ଉତ୍ସାହିତ କରିଥିଲେ । ରାଷ୍ଟ୍ରପତି ରାଷ୍ଟ୍ରର ପ୍ରଗତି ଏବଂ ବିକାଶରେ ଅବଦାନ ଦେବାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଛାତ୍ରମାନଙ୍କ ସହ ତାଙ୍କର ଆଲୋଚନା ସେମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଲକ୍ଷ୍ୟକୁ ରାଷ୍ଟ୍ରର ବିକାଶରେ ସେମାନଙ୍କର ଅବଦାନ ସହିତ ଯୋଡ଼ିବାକୁ ପ୍ରେରଣା ଦେଇଥିଲା । ପୂର୍ବତନ ରାଷ୍ଟ୍ରପତି ଏବଂ ଭାରତର କ୍ଷେପଣାସ୍ତ୍ର ପୁରୁଷ ଡକ୍ଟର ଏପିଜେ ଅବଦୁଲ କଲାମ ସବୁବେଳେ ପିଲାମାନଙ୍କୁ କହୁଥିଲେ,'ସ୍ୱପ୍ନ । ସ୍ୱପ୍ନ ତାହା ନୁହେଁ ଯାହା ଆମେ ଶୋଇବା ସମୟରେ ଦେଖୁ, ବରଂ ଏପରି ସ୍ୱପ୍ନ ଯାହା ଆମକୁ ଶୋଇବାକୁ ଦିଏ ନାହିଁ ।' ସେ କହିଥିଲେ ଯେ ବଡ଼ ସ୍ୱପ୍ନ ଦେଖନ୍ତୁ ଏବଂ ସେଗୁଡ଼ିକୁ ହାସଲ କରନ୍ତୁ । ଭାରତରେ ଅଗ୍ନି ଏବଂ ପୃଥ୍ୱୀ କ୍ଷେପଣାସ୍ତ୍ର ବିକାଶରେ କଲାମ

## ୟୁପି ସରକାରଙ୍କୁ ୧୦ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ : ସମ୍ଭଲ ହିଂସା ମାମଲାରେ ମୁଖ୍ୟ ଅଭିଯୁକ୍ତ ମୁଲ୍ଲା ଅଫରୋଜଙ୍କ ପ୍ରିଭେନଟିଭ୍ ଡିଟେନସନକୁ ନେଇ ଉତ୍ତର ପ୍ରଦେଶ ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ । ରାଜ୍ୟ ସରକାରଙ୍କ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଇଲେ କୋର୍ଟ । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ପୁଲିସ ହେପାଜତରେ ଅଭିଯୁକ୍ତ ଦ୍ୱାରା ଦିଆଯାଇଥିବା ସ୍ୱୀକାରୋକ୍ତି ଆଧାରରେ କୌଣସି ବ୍ୟକ୍ତି ବିରୋଧରେ ପ୍ରତିରୋଧୀ ଅଟକ ଆଦେଶ ଦିଆଯାଇପାରିବ ନାହିଁ । ମୁଲ୍ଲା ଅଫରୋଜ ଏହାକୁ ବିରୋଧ କରି ଆଲହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ହାଇକୋର୍ଟ ଯାଚିକା ଖାରଜ କରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ଶିଲ ନାଗୁଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ମୁଲ୍ଲା ଅଫରୋଜ ୨୦୨୪ରେ ସମ୍ଭଲ ହିଂସା ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ ହୋଇଥିଲେ । ସମ୍ଭଲର ଜାମା ମସଜିଦର ସର୍ଭେ ସମୟରେ ଏହି ହିଂସାକାଣ୍ଡ ହୋଇଥିଲା । ଏଥିରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ମୁଲ୍ଲା ଅଫରୋଜ ନିଜ ଅଟକକୁ ଚ୍ୟାଲେଞ୍ଜ କରି କହିଥିଲେ ଯେ ପରେ ଏକ କଥିତ ସ୍ୱୀକାରୋକ୍ତି ଆଧାରରେ ତାଙ୍କୁ ହିଂସା ମାମଲାରେ ଫସାଇ ଦିଆଯାଇଥିଲା । ମୁଲ୍ଲା ଅଫରୋଜ ୨୦୨୫ ଅକ୍ଟୋବର ୧୩ରେ ଏନଏସଏ ଧାରା ୩(୨)ରେ ଗିରଫ ହୋଇଥିଲା । ୟୁପି ସରକାର ଆହ୍ଲାବାଦ ହାଇକୋର୍ଟକୁ କହିଥିଲେ ଯେ ହିଂସା ପରେ, ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ଏବଂ ସାର୍ବଜନୀନ ଶାନ୍ତି ପ୍ରଭାବିତ ହୋଇଛି । ଉପଲବ୍ଧ ସାମଗ୍ରୀ ଆଧାରରେ, ଭବିଷ୍ୟତରେ ଏପରି କାର୍ଯ୍ୟକଳାପରୁ ସେମାନଙ୍କୁ ରୋକିବା ପାଇଁ ମୁଲ୍ଲା ଅଫରୋଜଙ୍କୁ ପ୍ରତିରୋଧକ ଅଟକ ରଖିବା ଆବଶ୍ୟକ ଥିଲା ।

### ଏମ୍ଏମ୍‌ନିଆର ଆଇନ ଓ ଲୋକଙ୍କ ସମସ୍ୟାକୁ ନେଇ

## ବିଜେଡି କରିବ ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରତିଶ୍ରୁତି ପାଳନରେ ଅବହେଳା, ଏମ୍ଏମ୍‌ନିଆର ସଂଶୋଧନ ଆଇନ ଓ ଜନସାଧାରଣଙ୍କ ସମସ୍ୟାକୁ ନେଇ ବିଜେଡି କରିବ ଜନସମ୍ପର୍କ ପଦଯାତ୍ରା। ଏକ ମାସବ୍ୟାପୀ କରିବ ଜନସମ୍ପର୍କ ପଦଯାତ୍ରା ।

ଅକ୍ଟୋବର ୨ ତାରିଖ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏହି ପଦଯାତ୍ରା ଆରମ୍ଭ ହେବ। ଏହି ଅଭିଯାନ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର। ବିଭିନ୍ନ କ୍ଷେତ୍ରରେ ସରକାର ଲୋକଙ୍କ ଆଶା ଓ ସମସ୍ୟା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି। ଗାଁ ଓ ପଞ୍ଚାୟତ ସ୍ତରରେ ଜନସାଧାରଣଙ୍କ ସମସ୍ୟା ଅଣଦେଖା କରାଯାଉଛି। ଏହା ବିରୋଧରେ ପଦଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ଯିବାକୁ ଦଳ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ଜିଲ୍ଲା ସଭାପତି ଅଶୋକ ପଣ୍ଡା କହିଛନ୍ତି ଯେ, ସରକାରଙ୍କ ପ୍ରତିଶ୍ରୁତି ଓ ବାସ୍ତବ କାର୍ଯ୍ୟକାରିତା ମଧ୍ୟରେ ବ୍ୟବଧାନ ରହିଛି ବୋଲି ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତା ପ୍ରସଙ୍ଗକୁ ନେଇ ଏହି ଅଭିଯାନ ଚାଲିବ ବୋଲି ସେ କହିଛନ୍ତି। ଅକ୍ଟୋବର ୨ ତାରିଖରେ ଭୁବନେଶ୍ୱରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଏହି ମାସବ୍ୟାପୀ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିବେ। ୫୨ ନମ୍ବର ୱାର୍ଡରେ ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଭୁବନେଶ୍ୱର ସହରରେ ବିଜେଡି ସମୟରେ ଅନେକ କାମ ହୋଇଥିଲା। ବର୍ତ୍ତମାନ ବିଭିନ୍ନ ରାସ୍ତା ଘାଟର ଅବସ୍ଥା ଭଲ ନାହିଁ। ଯାହା ସ୍ମାର୍ଟସ୍ ରହିବା କଥା ତାହା କମି ଗଲାଣି। ଯେଉଁ ଘର ନବୀନ ବାବୁ କରି ଯାଇଥିଲେ ସେହି ଘରକୁ ଆଜି ବିଜେପି ବାଣ୍ଟୁଛି। ଏହି ସବୁ କଥା ଆମେ ଲୋକଙ୍କ ପାଖକୁ ଏହି ପଦଯାତ୍ରାରେ ନେଇକି ଯିବୁ ବୋଲି କହିଛନ୍ତି ମେୟର ସୁଲୋଚନା ଦାସ।

### ବିଭିନ୍ନ ପ୍ରସଙ୍ଗ ନେଇ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

## ୮ରେ ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର : ଆସନ୍ତା ୮ରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ। ମଙ୍ଗଳବାର ଆୟୋଜିତ ଏକ ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘୋଷଣା କରିଛନ୍ତି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପିସିସି ସଭାପତି କର୍ମୀଙ୍କୁ ଆହ୍ୱାନ କରିଛନ୍ତି। ରାଜ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ କଂଗ୍ରେସ ଓଡିଶା ବନ୍ଦ ଡାକରା ଦେଇଛି। ଏମଏମଡିଆର ସଂଶୋଧନ ପ୍ରସଙ୍ଗ, ପାଠ୍ୟପୁସ୍ତକରେ ତ୍ରୁଟି, ନିର୍ବାଚନ କମିଶନଙ୍କ ଇସ୍ତଫା ଦାବିରେ କଂଗ୍ରେସ ଏହି ବନ୍ଦ ଡାକରା ଦେଇଛି। ଆସନ୍ତା ୮ ତାରିଖରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କରାଯିବ। ପିସିସି ସଭାପତି ସମବେତ କର୍ମୀ ଓ ସମର୍ଥକଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଏହି ଆନ୍ଦୋଳନ ଓଡ଼ିଶାର ଭବିଷ୍ୟତକୁ ସୁରକ୍ଷିତ କରିବ । ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ । ଏହି ଲଢେଇ ହିଁ ପରିବର୍ତ୍ତନର ବାର୍ତ୍ତା ଦେବ। ତେଣୁ ପଞ୍ଚାୟତସ୍ତର, ବ୍ଲକସ୍ତର ଏବଂ ଜିଲ୍ଲାସ୍ତର ସହ ରାଜ୍ୟସ୍ତରୀୟ ସମସ୍ତ ନେତା ଓ କର୍ମୀ ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଭକ୍ତ କହିଛନ୍ତି। ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ସାରା ରାଜ୍ୟର ଦଳୀୟ କର୍ମୀ, ନେତା ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ସାମିଲ ହେବାକୁ କଂଗ୍ରେସ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି।

### SCB ମେଡିକାଲ ନାଁରେ ସାଙ୍ଘାତିକ ଅଭିଯୋଗ

## ମାନସିକ ରୋଗୀଙ୍କୁ ପିଟିପିଟି ହତ୍ୟା

କଟକ : ମାନସିକ ରୋଗୀଙ୍କୁ ହସ୍ପିଟାଲରେ ପିଟିପିଟି ହତ୍ୟା । କଟକ SCB ମେଡିକାଲରୁ ଆସିଛି ଏଭଳି ସାଂଘାତିକ ଅଭିଯୋଗ। ଜଣେ ମାନସିକ ରୋଗୀଙ୍କୁ ହସ୍ପିଟାଲରେ ପିଟି ପିଟି ମାରି ଦିଆଯାଇଥିବା ଅଭିଯୋଗ ଆଣିଲେ ପରିବାର ଲୋକେ । ମୃତକ ଜଣଙ୍କ ହେଲେ ଯାଜପୁର ଅଞ୍ଚଳର ଶ୍ରୀକାନ୍ତ ଦାସ । କଟକ ମଙ୍ଗଳାବାଗ ଥାନାରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। SCB ମେଡିକାଲର ମାନସିକ ରୋଗ ବିଭାଗରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି ।

# ପର୍ଯ୍ୟଟନ ବିକାଶ ନେଇ ସମୀକ୍ଷା ବୈଠକ

ଭଞ୍ଜନଗର : ଭଞ୍ଜନଗର ଉପଖଣ୍ଡରେ ପର୍ଯ୍ୟଟନର ସାମଗ୍ରିକ ବିକାଶ, ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟଟକମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ନେଇ ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ମାନ୍ୟବର ବିଧାୟକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ, ମାନ୍ୟବର ବିଧାୟକ ଶ୍ରୀ ନୀଳମଣି ବିଷୋୟୀ ଏବଂ ଭଞ୍ଜନଗର ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଗୋପୋବନ୍ଧୁ ମହାପାତ୍ର ଯୋଗଦେଇ ଭଞ୍ଜନଗର ଅଞ୍ଚଳରେ ପର୍ଯ୍ୟଟନ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ପର୍ଯ୍ୟଟକଙ୍କ ସୁବିଧା ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରିତ ଭାବେ ଆଗେଇ ନେବା ଉପରେ ଗୁରୁତ୍ୱ ଦେଇଥିଲେ।

ବୈଠକରେ ଭଞ୍ଜନଗର ଅଞ୍ଚଳର ପର୍ଯ୍ୟଟନ ବିକାଶ ସମ୍ପର୍କରେ ଆଲୋଚନା କରି ଉପଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ ଯେ, ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଉନ୍ନତି ସହିତ ପର୍ଯ୍ୟଟକଙ୍କ ଅନୁଭୂତିକୁ ଆହୁରି ସୁନ୍ଦର ଓ ସୁବିଧାଜନକ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେବ।

ମୁଖ୍ୟ ସଚିବଙ୍କ ପରାମର୍ଶ ଅନୁଯାୟୀ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେବା ସହିତ ସ୍ୱଚ୍ଛତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ନିକଟରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ଭାସନ୍ ଭି., ବନବିହାର ପରିଦର୍ଶନ କରି ଏହାର ପର୍ଯ୍ୟଟନ ସମ୍ଭାବନାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବନବିହାର ଅଞ୍ଚଳରେ ପର୍ଯ୍ୟଟକଙ୍କ ଆକର୍ଷଣ ବୃଦ୍ଧି ପାଇଁ ବୋଟିଂ ବ୍ୟବସ୍ଥା, ଭଞ୍ଜନଗର ଘାଇ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ଭାସମାନ ରେଷ୍ଟୁରାଣ୍ଟ ପ୍ରତିଷ୍ଠା ଭଳି ନୂତନ ଓ ଆକର୍ଷଣୀୟ ପର୍ଯ୍ୟଟନ ସୁବିଧା ବିକଶିତ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଆହୁରି କହିଥିଲେ ଯେ, ପର୍ଯ୍ୟଟନ ବିକାଶ କାର୍ଯ୍ୟକୁ ଅଧିକ ସୁସଂଗଠିତ ଓ ଫଳପ୍ରସୂ କରିବା ପାଇଁ ଉପଖଣ୍ଡ ସ୍ତରୀୟ ପର୍ଯ୍ୟଟନ ବିକାଶ କମିଟି ଗଠନ କରାଯିବ। ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟ ସଦସ୍ୟମାନେ ରହିବେ। କମିଟି ପକ୍ଷରୁ ଉପଖଣ୍ଡର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ସମ୍ଭାବନା ଚିହ୍ନଟ, ଭିତ୍ତିଭୂମି ବିକାଶ, ପ୍ରକଳ୍ପ ପ୍ରସ୍ତୁତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ପର୍ଯ୍ୟଟନ ସମ୍ପର୍କିତ ଯୋଜନାର ଅନୁଧ୍ୟାନ କରାଯିବ। ଗଞ୍ଜାମ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜନକ କୁମାର ତରାଇ ପର୍ଯ୍ୟଟନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନା, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶର ସୁଯୋଗ, ଉପଲବ୍ଧ ସରକାରୀ ସୁବିଧା ଓ ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସ୍ଥାନୀୟ ଉଦ୍ୟୋଗୀ ଓ ନିବେଶକ ମାନେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରି ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଓ ରିହାତିର ସୁଯୋଗ ନେଇପାରିବେ ବୋଲି ସେ କହିଥିଲେ।

ବୈଠକରେ ଭଞ୍ଜନଗର, ବୁଗୁଡ଼ା ଓ ଉପଖଣ୍ଡ ଅଞ୍ଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶୌଚାଳୟ, ଆଲୋକୀକରଣ, ପାର୍କିଂ, ସ୍ୱଚ୍ଛତା, ବସିବା ବ୍ୟବସ୍ଥା, ସୂଚନା ଫଳକ ଆଦି ମୌଳିକ ସୁବିଧାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ, ସଂସ୍କୃତି ଓ ସ୍ଥାନୀୟ ପରମ୍ପରାକୁ ଆଧାର କରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର-ପ୍ରସାରକୁ ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା। ପର୍ଯ୍ୟଟନର ବିକାଶ ଦ୍ୱାରା ସ୍ଥାନୀୟ ଯୁବକଯୁବତୀ ଓ ଲୋକମାନଙ୍କ ପାଇଁ ରୋଜଗାର, ଆୟ ଓ ଉଦ୍ୟୋଗ ସୃଷ୍ଟିର ସୁଯୋଗ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ଉପଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗ ସମ୍ପର୍କିତ ପର୍ଯ୍ୟଟନ ବିକାଶ କାର୍ଯ୍ୟକୁ ସମନ୍ୱୟର ସହିତ ତ୍ୱରାନ୍ୱିତ କରିବାକୁ କହିଥିଲେ। ପର୍ଯ୍ୟଟନସ୍ଥଳୀର ସୁରକ୍ଷା, ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେଇ ଏକ ସୁସ୍ଥାୟୀ, ସୁରକ୍ଷିତ ଓ ଆକର୍ଷଣୀୟ ପର୍ଯ୍ୟଟନ ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା, ସହାୟକ ଉପଜିଲ୍ଲାପାଳ ଶ୍ରୀମତୀ ଚନ୍ଦ୍ରଗିରି ଗାୟତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ଭାରତୀ ଦେବୀ, ବୁଗୁଡ଼ା ବିଡିଓ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ବୁଗୁଡ଼ା ଓ ଭଞ୍ଜନଗର ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ଖଣ୍ଡଗିରି-ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଶୁଭାରମ୍ଭ

ଭୁବନେଶ୍ୱର : ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ଐତିହାସିକ ଗୌରବକୁ ପର୍ଯ୍ୟଟକମାନଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଭୁବନେଶ୍ୱରର ଐତିହାସିକ ଖଣ୍ଡଗିରିଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଉଦ୍ଘାଟିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଆଧୁନିକ ପ୍ରଯୁକ୍ତିବିଦ୍ୟା, ଆଲୋକ, ଶବ୍ଦ ଏବଂ କାହାଣୀ କଥନ ଶୈଳୀର ସମାହାରରେ ଐତିହାସିକ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ମାହାତ୍ମ୍ୟକୁ ପର୍ଯ୍ୟଟକ ନିକଟରେ ପହଞ୍ଚିବ। ଏହି ଶୋ' ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଦୁଇଟି ପର୍ଯ୍ୟାୟରେ ପ୍ରଦର୍ଶିତ ହେବ। ପ୍ରତ୍ୟେକ ପ୍ରଦର୍ଶନୀର ଅବଧି ପ୍ରାୟ ୧୬ ମିନିଟ୍ ୭ ସେକେଣ୍ଡ ରହିଛି। ଏକାସାଙ୍ଗରେ ୧୨୦ ଜଣ ଦର୍ଶକ ବସି ଏହାକୁ ଉପଭୋଗ କରିବାର ବ୍ୟବସ୍ଥା ରହିଛି। ପ୍ରଥମ ଶୋ': ସନ୍ଧ୍ୟା ୭:୦୦ ରୁ ୭:୩୫ ଏବଂ ଦ୍ୱିତୀୟ ଶୋ': ସନ୍ଧ୍ୟା ୭:୪୫ ରୁ ୮:୨୦ ପର୍ଯ୍ୟନ୍ତ ହେବ। ପର୍ଯ୍ୟଟକମାନେ ଓଡ଼ିଶା ପର୍ଯ୍ୟଟନର ଅଫିସିଆଲ୍ ଟିକେଟିଂ ପୋର୍ଟାଲ୍ www.bookodisha.com ମାଧ୍ୟମରେ ଅନଲାଇନ୍ ଟିକେଟ୍ ବୁକ୍ କରିପାରିବେ। ଖଣ୍ଡଗିରି-ଉଦୟଗିରି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଓଡ଼ିଶାର ଐତିହ୍ୟ ପର୍ଯ୍ୟଟନ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜନା। ରାଜ୍ୟର ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ଗୌରବକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ି ଏହି ପ୍ରକଳ୍ପ ପର୍ଯ୍ୟଟକମାନଙ୍କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିବା ସହ ଭୁବନେଶ୍ୱରର ଏହି ପ୍ରମୁଖ ଐତିହ୍ୟ ସ୍ଥଳର ଗୁରୁତ୍ୱକୁ ବୃଦ୍ଧି କରିବ।

ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱରର ମାନ୍ୟବର ବିଧାୟକ ବାବୁ ସିଂହ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ସଚିବ ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଶଦୀପଙ୍କର ମହାପାତ୍ର ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଯୋଗରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଏହି ଆକର୍ଷଣୀୟ ଶୋ' ବିକଶିତ କରାଯାଇଛି।

# ପିପିଲିରେ ରାଜ୍ୟସ୍ତରୀୟ 'ଆଙ୍ଗନ କା ମିଲନ' ଉତ୍ସବ

ପିପିଲି : ପ୍ରଧାନମନ୍ତ୍ରୀଙ୍କ 'ସେବା ସଂକଳ୍ପ ଅଭିଯାନ' ଅବସରରେ ପୁରୀ ଜିଲ୍ଲା ପିପିଲିରେ ରାଜ୍ୟସ୍ତରୀୟ 'ଆଙ୍ଗନ କା ମିଲନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଂଚାୟତର ସଂଗଳେଇ ଶାସନ ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି କୁନି ପିଲାଙ୍କ ସହ ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ମୂଳଦୁଆ , ବୋଲି ଉଭୟ ଅତିଥି ମତବ୍ୟକ୍ତ କରିଥିଲେ। ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁସ୍ଥ ପରିବେଶ ପ୍ରତି ଅଭିଭାବକମାନେ ଯତ୍ନବାନ ହେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଥିଲେ। ।ବିଶେଷକରି ମାଆଙ୍କ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଗର୍ଭସ୍ଥ ଶିଶୁର ଯତ୍ନ ଏବଂ ଶିଶୁ ଜନ୍ମ ପରେ ତା'ର ପୋଷଣ ଓ ବିକାଶ କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିବାରୁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଓ ସହାୟିକାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଉତ୍ସବ ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ନାଚ, ଗୀତ ଓ ଗପ କହିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହିତ ଅଭିଭାବକମାନଙ୍କୁ ନେଇ ପୋଷଣ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅଭିଭାବକଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବିବେଚିତ ଅଭିଭାବକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମମତା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ସଚିବ ଜ୍ୟୋତିରଞ୍ଜନ ନାୟକ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କ ସୁସ୍ଥ ବିକାଶ, ପୋଷଣ ଓ ଯତ୍ନ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯିବା ସହ ଅଙ୍ଗନବାଡ଼ି କେନ୍ଦ୍ରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଭୁବନେଶ୍ୱରରୁ ନିଖୋଜ ୩ ନାବାଳକ ଜଗତସିଂହପୁରରୁ ଉଦ୍ଧାର

ଭୁବନେଶ୍ୱର : ଭୁବନେଶ୍ୱରରୁ ୩ ନାବାଳକ ନିଖୋଜ ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି । ଜଗତସିଂହପୁର ଅଞ୍ଚଳରୁ ନିଖୋଜ ୩ ନାବାଳକ ଉଦ୍ଧାର ହୋଇଛନ୍ତି । ଘରୁ ଟ୍ୟୁସନ ଯାଇ ନିଖୋଜ ହୋଇଥିଲେ ୩ ନାବାଳକ । ସୂଚନାଯୋଗ୍ୟ ସୀତାନାଥ ବସ୍ତି ଓ ଆଦର୍ଶ ବସ୍ତି ଅଞ୍ଚଳରୁ ୩ ନାବାଳକ ଟିୟୁସନ୍ ଯାଇ ଆଉ ଘରକୁ ଫେରି ନାହାନ୍ତି । ଯାହାକୁ ନେଇ ୩ ନାବାଳକଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ନଥିଲେ । ଶେଷରେ ସେମାନେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ । ନାବାଳକ ନିଖୋଜ ଅଭିଯୋଗ ପରେ ଖୋଜାଖୋଜି ଆରମ୍ଭ କରିଥିଲା ଚନ୍ଦ୍ରଶେଖରପୁର ପୋଲିସ । ସିସିଟିଭି ଯାଞ୍ଚ ସହ ବିଭିନ୍ନ ସୋର୍ସକୁ ସକ୍ରିୟ କରିଥିଲା ପୋଲିସ । ପାଖାପାଖି ୨ ଶହରୁ ଅଧିକ ସିସିଟିଭି ଯାଞ୍ଚ କରିଥିଲା ପୋଲିସ । ଜଗତସିଂହପୁରରେ ୩ ନାବାଳକଙ୍କ ସନ୍ଧାନ ମିଳିଥିଲା । ପରିବାର ଲୋକେ ୩ ନାବାଳକଙ୍କୁ ଚିହ୍ନଟ କରିଥିଲେ । କମିଶନରେଟ୍ ପୋଲିସ ୩ ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି । ଆବଶ୍ୟକ ପ୍ରକ୍ରିୟା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

### ଆତଙ୍କବାଦର ସମସ୍ତ ରୂପ ଏବଂ ଅଭିବ୍ୟକ୍ତି ବିରୁଦ୍ଧରେ

# ‘ଶୂନ୍ୟ-ସହନଶୀଳତା’ ନୀତି ଗ୍ରହଣ କରିଛନ୍ତି ସରକାର

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ମନ୍ତ୍ରୀ ଏକ ନୂତନ ପ୍ରତ୍ୟର୍ପଣ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି, ଯାହା ବିଦେଶରୁ ପଳାତକମାନଙ୍କୁ ଫେରାଇ ଆଣିବାର ପ୍ରୟାସ କୁ ସମନ୍ୱୟ ଏବଂ ତ୍ୱରାନ୍ୱିତ କରିବ । ୨୦୧୯ ରୁ ୨୦୨୬ ମସିହା ମଧ୍ୟରେ ମୋଦୀ ସରକାର ସଫଳତାର ସହ ୩୬ଟି ଦେଶରୁ ୨୮୮ ଜଣ ପଳାତକ ଅପରାଧୀଙ୍କୁ ଭାରତକୁ ଫେରାଇ ଆଣିଥିଲେ । ଏଜେନ୍ସିଗୁଡ଼ିକ ମଧ୍ୟରେ ଉନ୍ନତ ସମନ୍ୱୟର ଫଳସ୍ୱରୂପ, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ନିଶାଦ୍ରବ୍ୟର ସୀମାପାର ଚୋରାଚାଲାଣରେ ସମ୍ପୃକ୍ତ ଶାହଜାଦ ଭଟ୍ଟି ନେଟୱାର୍କର ୪୦ରୁ ଅଧିକ ମଡ୍ୟୁଲର ପର୍ଦ୍ଦାଫାସ କରାଯାଇଥିଲା, ୧୦୦ରୁ ଅଧିକ ଏଫ୍. ଆଇ. ଆର୍. ପଞ୍ଜିକୃତ ହୋଇଥିଲା ଏବଂ ୧୫ଟି ରାଜ୍ୟରେ ୩୫୦ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ସେହି ସମୟରେ ମୋଦୀ ସରକାର ୟୁ. ଏ. ପି. ଏ. ଅଧୀନରେ ଶାହଜାଦ ଭଟ୍ଟି ନେଟୱାର୍କକୁ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଥିଲେ । ବିଦେଶରୁ ପଳାତକମାନଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ସହ ମିଶି କାର୍ଯ୍ୟ କରିବା ଲାଗି ରାଜ୍ୟ ପୁଲିସ ବାହିନୀ ସମର୍ପିତ ଦଳ ଗଠନ କରିବା ଉଚିତ । କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ‘ପ୍ରହାର-ସି. ଟି. ନୀତି ଏବଂ ରଣନୀତି ’ଉପରେ ଏକ ସମ୍ମିଳନୀକୁ ଉଦଘାଟନ କରିଛନ୍ତି । ଏହି ସମ୍ମିଳନୀରେ ପ୍ରତିରୋଧ, ପ୍ରତିକ୍ରିୟା, ସାମଗ୍ରିକ ଆଭ୍ୟନ୍ତରୀଣ କ୍ଷମତା, ମାନବିକ ଅଧିକାର, ଆତଙ୍କବାଦ ମୁକାବିଲା, ଅନ୍ତର୍ଜାତୀୟ ପ୍ରୟାସକୁ ସମନ୍ୱିତ କରିବା ଏବଂ ସମଗ୍ର ସମାଜର ଆଭିମୁଖ୍ୟ ମାଧ୍ୟମରେ ପୁନରୁଦ୍ଧାର ଏବଂ ନମନୀୟତା ସମେତ ପ୍ରହାର ର ସାତଟି ସ୍ତମ୍ଭ ଉପରେ



ବିଚାରବିମର୍ଶ କରାଯାଇଥିଲା । ଏହି ସମ୍ମିଳନୀରେ କେନ୍ଦ୍ର ଗୃହ ସଚିବ, ବୈଦେଶିକ ସଚିବ, ସି. ଏ. ପି. ଏଫ୍./ ସି. ପି. ଓ. ର ମୁଖ୍ୟ, ୧୫ଟି ରାଜ୍ୟର ଡି. ଜି. ପି., ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଏ. ଟି. ଏସ୍. ମୁଖ୍ୟ ବ୍ୟକ୍ତିଗତ ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ରାଜ୍ୟ ଡି. ଜି. ପି. ଏବଂ ଅତ୍ୟାଧୁନିକ ପୋଲିସ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଆତଙ୍କବାଦର ସମସ୍ତ ରୂପ ଏବଂ ଅଭିବ୍ୟକ୍ତି ବିରୁଦ୍ଧରେ ‘ଶୂନ୍ୟ-ସହନଶୀଳତା’ ନୀତି ଗ୍ରହଣ କରିଛନ୍ତି । ସେ ଆତଙ୍କବାଦୀ ଘଟଣାର ନିରନ୍ତର ବିଶ୍ଳେଷଣ ଏବଂ ଆଗାମୀ ୧୦ ବର୍ଷ ପାଇଁ ଏକ ଦୃଢ଼ ଏବଂ ମଜବୁତ ‘ପ୍ରହାର’ ବ୍ୟବସ୍ଥା ପ୍ରତିଷ୍ଠା ମାଧ୍ୟମରେ ‘ପ୍ରହାର’ ରଣକୌଶଳକୁ ସୁଦୃଢ଼ ଏବଂ ଉନ୍ନତ କରିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଥାନା ସ୍ତର ପର୍ଯ୍ୟନ୍ତ ‘ପ୍ରହାର ’ ର ସିଦ୍ଧାନ୍ତଗୁଡ଼ିକର ପ୍ରସାର ଉପରେ ଧ୍ୟାନ କେନ୍ଦ୍ରିତ କରି ସେ’ ପ୍ରହାର‘ ପଦକ୍ଷେପର ପ୍ରତ୍ୟେକ ଦିଗ ପ୍ରତି ଏକ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆତଙ୍କବାଦ ବିପଦକୁ ହ୍ରାସ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଉଲ୍ଲେଖ କରି ସେ ତାଙ୍କର ପ୍ରତ୍ୟେକ ସ୍ତରରେ ଏକ ସ୍ୱୟଂଚାଳିତ ଆତଙ୍କବାଦ ବିରୋଧୀ ପ୍ରତିକ୍ରିୟାକୁ ସଂସ୍ଥାଗତ କରିବାକୁ ପରାମର୍ଶ ଦେଇଥିଲେ । ’ପ୍ରହାର’ ର ପ୍ରତ୍ୟେକ ସ୍ତମ୍ଭ ପ୍ରତି ଫଳପ୍ରଦ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କାର୍ଯ୍ୟରେ କୌଣସି ବିଳମ୍ବକୁ ରୋକିବା ପାଇଁ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ପାଇଁ ଆହ୍ୱାନ କରିଥିଲେ । କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି, ୨୦୧୯ ରୁ ୨୦୨୬ ମସିହା ମଧ୍ୟରେ ମୋଦୀ ସରକାର ସଫଳତାର ସହ ୩୬ଟି ଦେଶରୁ ୨୮୮ ଜଣ ପଳାତକ ଅପରାଧୀଙ୍କୁ ଭାରତକୁ ଫେରାଇ ଆଣିଥିଲେ । ଏଜେନ୍ସିଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟର ଫଳସ୍ୱରୂପ, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ନିଶାଦ୍ରବ୍ୟର ସୀମାପାର ଚୋରାଚାଲାଣରେ ସମ୍ପୃକ୍ତ ଶାହଜାଦ ଭଟ୍ଟି ନେଟୱାର୍କର ୪୦ରୁ ଅଧିକ ମଡ୍ୟୁଲର ପର୍ଦ୍ଦାଫାସ କରାଯାଇଥିଲା, ୧୫ଟି ରାଜ୍ୟରେ ୧୦୦ରୁ ଅଧିକ ଏଫ୍. ଆଇ. ଆର୍. ପଞ୍ଜିକୃତ ହୋଇଥିଲା ଏବଂ ୩୫୦ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ସେ କହିଥିଲେ, ସେହି ସମୟରେ ମୋଦୀ ସରକାର ୟୁ. ଏ. ପି. ଏ. ଅଧୀନରେ ଶାହଜାଦ ଭଟ୍ଟି ନେଟୱାର୍କକୁ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଥିଲେ ।

କେନ୍ଦ୍ର ଗୃହ ମନ୍ତ୍ରୀ ଏକ ନୂତନ ପ୍ରତ୍ୟର୍ପଣ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି, ଯାହା ବିଦେଶରୁ ପଳାତକମାନଙ୍କୁ ଫେରାଇ ଆଣିବାର ପ୍ରୟାସକୁ ସମନ୍ୱୟ ଏବଂ ତ୍ୱରାନ୍ୱିତ କରିବ । ବିଦେଶରୁ ପଳାତକମାନଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ସହ ମିଶି କାର୍ଯ୍ୟ କରିବା ଲାଗି ସମର୍ପିତ ଦଳ ଗଠନ କରିବା ଲାଗି ସେ ରାଜ୍ୟ ପୁଲିସ ବାହିନୀକୁ ଆହ୍ୱାନ କରିଥିଲେ ।

### ୩୧% ପରିବାର ପାଇପ୍ ପାଣିରୁ ବଞ୍ଚିତ

# ମହୁ ଚାଷରେ ୧୨ କୋଟି ଡିଏମ୍ଏଫ୍ ଟଙ୍କା ପାଣିରେ ପଡିଲା

ଭୁବନେଶ୍ୱର : ଗ୍ରାମାଞ୍ଚଳର ସବୁ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ୨୦୧୯ରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଜଳ ଜୀବନ ମିଶନ । ଏହି ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ରାଜ୍ୟର ୩୧ ପ୍ରତିଶତ ଘରକୁ ଆଜି ବି ପାଇପ୍ ପାଣି ସଂଯୋଗ ସମ୍ଭବ ହୋଇନି । ସେହିପରି ୨୦୭ଟି ବୃହତ ଜଳଯୋଗାଣ ପ୍ରକଳ୍ପରୁ ମାତ୍ର ଦୁଇଟିର କାର୍ଯ୍ୟ ଶେଷ ହୋଇଛି । ରାଜ୍ୟରେ ଜଳଜୀବନ ମିଶନର ଏଭଳି ଉଦ୍ବେଗଜନକ ଚିତ୍ର ଦର୍ଶାଇଛନ୍ତି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ । ବିଧାନସଭାରେ ୨୦୨୬ ବର୍ଷ ପାଇଁ ଉପସ୍ଥାପିତ ସିଏଜି ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ୨୦୧୯ ପୂର୍ବରୁ ରାଜ୍ୟରେ ୩ ଲକ୍ଷ ୧୧ ହଜାର ଗ୍ରାମୀଣ ପରିବାରକୁ ପାଇପ୍ ପାଣି ମିଳୁଥିଲା । ୨୦୨୪ ସୁଦ୍ଧା ଆଉ ୫୫ ଲକ୍ଷ ୭୮ ହଜାର ପରିବାକୁ ପାଇପ୍ ପାଣି ଯୋଗାଇ ଦେବାକୁ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମ । ତେବେ ମାତ୍ର ୨୦୨୪ ସୁଦ୍ଧା ଟାର୍ଗେଟର ୪୭ ପ୍ରତିଶତ ଅର୍ଥାତ ଆଉ ୨୬ ଲକ୍ଷ ୨୮ ହଜାର ପରିବାରକୁ ପାଇପ୍ ପାଣି ସଂଯୋଗ ମିଳିଛି । ୫ଟି ଜିଲ୍ଲା ବାଲେଶ୍ୱର, ବରଗଡ଼, କନ୍ଧମାଳ, ମାଲକାନଗିରି ଓ ପୁରୀର ୧୦ଟି ବ୍ଲକର ୪୦ଟି ଗାଁରେ ସିଏଜି ଏହି ଯୋଜନାର ଯାଞ୍ଚ କରିଥିଲେ । ବରଗଡ଼ ଜିଲ୍ଲାରେ ଜଳଜୀବନ ମିଶନରେ ୬୬୦ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା । ୫ ବର୍ଷରେ କାର୍ଯ୍ୟକାରୀ ହେଲା ମାତ୍ର ୮ଟି । କନ୍ଧମାଳରେ ୧୫୨୨ଟି ପ୍ରକଳ୍ପରୁ ୮୨ଟି ଓ ମାଲକାନଗିରି ଜିଲ୍ଲାରେ ୬୮୭ ପ୍ରକଳ୍ପରୁ ମାତ୍ର ୧୬୭ଟି ଶେଷ ହୋଇଛି । ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଭଲ ଅଗ୍ରଗତି ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ମାତ୍ର ୧୧% ସଫଳତା ମିଳିଛି । ସେହିପରି ୨୦୧୯ରେ ରାଜ୍ୟରେ ଆରମ୍ଭ ହୋଇଥିଲା ୨୦୭ଟି ବୃହତ ଜଳଯୋଗାଣ ପ୍ରକଳ୍ପ । ସେଥିରୁ ୧୩୩ଟି ଜଳଜୀବନ ମିଶନ ଅନ୍ତର୍ଗତ ଥିଲା । ତେବେ




ଆଶ୍ଚର୍ଯ୍ୟର କଥା ୫ ବର୍ଷ ପରେ ସେଥିରୁ ମାତ୍ର ଦୁଇଟି ପ୍ରକଳ୍ପ ନିର୍ମାଣ ଶେଷ ହୋଇଛି । ବାକି ସବୁ ଅଧାପ୍ରରିଆ ହୋଇ ପଡିଛି । ବାଲେଶ୍ୱର ଜିଲ୍ଲାରେ ୪ଟି, ବରଗଡ଼ରେ ଗୋଟିଏ, କନ୍ଧମାଳରେ ୪ଟି, ମାଲକାନଗିରିରେ ୮ଟି ବୃହତ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅଧାରେ ରହିଛି । ପୁରୀ ଜିଲ୍ଲାରେ ୪ଟି ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି । ସେହିପରି ଜିଲ୍ଲା ଖଣିଜ ପାଣ୍ଠି ଟଙ୍କାରେ ସୁନ୍ଦରଗଡ଼ ଜିଲ୍ଲାରେ ଆରମ୍ଭ ହୋଇଥିଲା ମହୁମାଛି ଚାଷ । ୨୦୨୨ ମସିହାରେ ୮ଟି ବ୍ଲକରେ ୨୬୫୦ ଜଣ ହିତାଧିକାରୀ ବଛାଗଲା । ସେମାନଙ୍କୁ ତାଲିମ୍, ମହୁମାଛି ବାକ୍ସ, ମହୁ ନିଷ୍କାସନ ଯନ୍ତ୍ର, ଧୂଆଁକାରକ ଓ ମହୁମାଛି କଲୋନୀ ପାଇଁ ୧୨ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା । ଟାର୍ଗେଟ ଥିଲା ପ୍ରଥମ ବର୍ଷରେ ୫୩ ହଜାର କିଲୋଗ୍ରାମ ମହୁ ଉତ୍ପାଦନ ହେବ । ଦ୍ୱିତୀୟ ବର୍ଷରେ ୭୯ ହଜାର କେଜି ଓ ତୃତୀୟ ବର୍ଷରେ ୧ ଲକ୍ଷ ୬ ହଜାର କେଜି ମହୁ ବାହାରିବ । ଚାଷୀମାନେ ଏହାକୁ ବିକି ଲାଭାନ୍ୱିତ ହେବେ । ୨୦୨୪ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ଜିଲ୍ଲା ଅଧିକାରୀ ରିପୋର୍ଟ ଦେଲେ ଯେ ବାକ୍ସରୁ ସବୁ ମହୁମାଛି ପଳାଇଲେ । ଅଧିକାଂଶ ହିତାଧିକାରୀଙ୍କ ମହୁମାଛି କଲୋନୀରେ ବିରୁଡି ଆକ୍ରମଣ କଲା । ମହୁମାଛି ରହିଲେନି, କି ମହୁ ଉତ୍ପାଦନ ହୋଇପାରିଲାନି । ମୋଟ ୧୬୮୧ କିଲୋଗ୍ରାମ ମହୁ ଉତ୍ପାଦନ ହେଲା । ଯାହା ଟାର୍ଗେଟର ୧ ପ୍ରତିଶତ ମହୁ । ଡିଏମ୍ଏଫ୍ ଟଙ୍କା କିଭଳି ପାଣିରେ ପଡିଲା ଏହି ଉଦାହରଣ ଦର୍ଶାଇଛନ୍ତି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ । ଆଜି ବିଧାନସଭାରେ ୨୦୨୬ ବର୍ଷ ପାଇଁ ଉପସ୍ଥାପିତ ସିଏଜ ରିପୋର୍ଟରେ କୁହାଯାଇଛି ଦୁଇ ବର୍ଷ ପରେ ମାତ୍ର ୮୩୩ ହିତାଧିକାରୀଙ୍କ ପାଖରେ ମହୁମାଛି ଥିଲା । ବାକ୍ସ ସବୁ ଅବ୍ୟବହୃତ ହୋଇ ପଡି ରହିଛି । ଚାଷୀମାନଙ୍କୁ ଯେଉଁମାନେ ତାଲିମ୍ ଦେଇଥିଲେ ସେମାନେ ଦକ୍ଷ ନ ଥିଲେ କି ସେମାନଙ୍କ ଏହି ଚାଷ ସମ୍ପର୍କରେ କିଛି ଜ୍ଞାନ ନ ଥିଲା । ମହୁ ଉତ୍ପାଦନ ଆଳରେ ୧୨ କୋଟି ଟଙ୍କା ପାଣିରେ ପଡିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି ।

### ‘ସମ୍ବନ୍ଧ’ ଅଭିଯାନର ଶୁଭାରମ୍ଭ

# ସମବାୟ ସଂସ୍ଥା ଅନ୍ନଦାତାଙ୍କ ପାଇଁ ଜୀବନରେଖା

**ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟାର ଶୁଭାରମ୍ଭ**

**ରାଜ୍ୟ ପଣ୍ୟାଗାର ନିଗମ ଓ ସମବାୟ ବିଭାଗରେ ୬୬ ଜଣଙ୍କୁ ନିଯୁକ୍ତି ପ୍ରଦାନ**

**ବଡ଼ମ୍ବା ଓ ଆସିକା ଆଖୁ ଚାଷୀଙ୍କ ପାଇଁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନପୁଟ ସବସିଡି**

ଭୁବନେଶ୍ୱର : ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ସମବାୟ ବ୍ୟବସ୍ଥା ସହ ଯୋଡ଼ିବା ଲକ୍ଷ୍ୟରେ ମେଗା ସମବାୟ ସଦସ୍ୟତା ଅଭିଯାନ ‘ସମ୍ବନ୍ଧ’ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିରେ ଗ୍ରାମାଞ୍ଚଳର ପ୍ରତି ପରିବାରରୁ ଜଣଙ୍କୁ ସମବାୟ ସଦସ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି । ସଦସ୍ୟତା ପଞ୍ଜୀକରଣକୁ ସହଜ କରିବା ପାଇଁ ଏକ ନୂଆ ମୋବାଇଲ୍ ଆପ୍ ମଧ୍ୟ ଶୁଭାରମ୍ଭ ହୋଇଛି ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା । ‘ସମ୍ବନ୍ଧ’ କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ PACS ଓ LAMPCS ରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର, ୬୦ଟି ନୂତନ Consumer Store, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୦୦ଟି ପ୍ୟାକ୍ସରେ ଘଖଚଝ ମାଧ୍ୟମରେ ଅନଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି । ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ । ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ “ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ” ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍ପୁଟ୍ ସବସିଡି ପ୍ରଦାନ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ସମାରୋହରେ ସମବାୟ ମନ୍ତ୍ରୀ ପ୍ରଦୀପ୍ତ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରି ପ୍ରତ୍ୟେକ ପରିବାରରୁ ଅନ୍ୟୁନ ପକ୍ଷେ ଜଣେ ସଦସ୍ୟକୁ ସମବାୟ ସହିତ ଯୋଡିବାର ମୂଳ ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ଓ ଡିଜିଟାଇଜେସନ୍ ପାଇଁ ଗୁରୁତ୍ୱ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ, କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବ, ହସ୍ତତନ୍ତ ସଚିବ ଗୁହା ପୁନମ୍ ତାପସ କୁମାର ,ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ ସମବାୟ ସମିତି ସମୂହର ରେଜିଷ୍ଟ୍ରାର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ ।

## ବିଶ୍ୱ ଜଳାତଙ୍କ ଦିବସରେ ରାଜ୍ୟବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର : ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ “ବିଶ୍ୱ ଜଳାତଙ୍କ ଦିବସ” ପାଳିତ ହୋଇଯାଇଛି । ଜଳାତଙ୍କ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ଓ ଏହାର ନିରାକରଣ ଦିଗରେ ରାଜ୍ୟବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ମୋଟ ୩ ହଜାରରୁ ଅଧିକ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାଣିଚିକିତ୍ସକ ଓ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଜଳାତଙ୍କ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ । କୁକୁର କାମୁଡ଼ିଲେ କ୍ଷତସ୍ଥାନକୁ ସାବୁନ ଓ ପରିଷ୍କାର ପାଣିରେ ଭଲ ଭାବେ ଧୋଇବା, ବିଳମ୍ବ ନକରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଣ୍ଟି ରାବିଜ୍ ? ଟିକା ନେବା, ଜଳାତଙ୍କ ପ୍ରତିରୋଧ ପାଇଁ ଗୃହପାଳିତ କୁକୁର ଓ ଅନ୍ୟ ପ୍ରାଣୀଙ୍କ ନିୟମିତ ଟିକାକରଣ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ।

ଜଳାତଙ୍କ ରୋଗର ସଚେତନତା ସହ ଗୃହପାଳିତ ପ୍ରାଣୀଙ୍କ ନିୟମିତ ଟିକାକରଣ ଅତ୍ୟନ୍ତ ଜରୁରୀ ବୋଲି ପ୍ରାଣିଚିକିତ୍ସକମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟସ୍ତରରୁ ସଚେତନତା ସୃଷ୍ଟି ମାଧ୍ୟମରେ ଜଳାତଙ୍କ ରୋଗର ନିରାକରଣ ପାଇଁ ସାମୂହିକ ପ୍ରୟାସକୁ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି ଅବସରରେ ପ୍ରାଣିଚିକିତ୍ସକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।

## ପୋର୍ଟାଲରେ ରହିବ ଶ୍ରୀଜଗନ୍ନାଥଙ୍କ ଜମି ଦଖଲକାରୀଙ୍କ ତଥ୍ୟ

ଭୁବନେଶ୍ୱର : ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବା ଏବଂ ଆଗକୁ ନେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଧରି ଶ୍ରୀଜଗନ୍ନାଥଙ୍କ ଜମିରେ ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କୁ ଜମି ଅଧିକାର ପ୍ରଦାନ ନେଇ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ଏକ ଇ-ପୋର୍ଟାଲର ବିକାଶ କରାଯିବ । ଏଥିରେ ଶ୍ରୀଜଗନ୍ନାଥଙ୍କ ଜମି ଭୋଗଦଖଲ କରୁଥିବା ସେବାୟତ ଓ ଅଣସେବାୟତମାନେ ନିଜ ନିଜର ତଥ୍ୟ ସହଜ ଓ ସରଳ ଉପାୟରେ ପ୍ରଦାନ କରିପାରିବେ । ଏହା ଦ୍ୱାରା ଜମି ଦଖଲରେ ଥିବା ସମସ୍ତଙ୍କ ଏକ ସମ୍ପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହେବା ସହ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥା ଅଧିକ ସହଜ ଓ ଶୃଙ୍ଖଳିତ ହୋଇପାରିବ । ଏହି ବ୍ୟବସ୍ଥାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ଇ-ପୋର୍ଟାଲକୁ ଅଧିକ ଉପଯୋଗୀ କରିବା ନେଇ ଆବଶ୍ୟକ ପରାମର୍ଶ ଦେଇଥିଲେ । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପରିଚାଳକ ତଥା ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଲ ଦେବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶ୍ରୀ ଶିବପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ । ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଆଭାସି ମାଧ୍ୟମରେ ଯୋଗ ଦେଇଥିବାବେଳେ ଓକାକ୍ ଓଏନ୍ଆଇସିର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

# କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

▶ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି କର

▶ନିୟମିତ କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ନିର୍ମାଣ କାର୍ଯ୍ୟ ତଦାରଖ ନେଇ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ

▶ଟେଣ୍ଡର ପ୍ରକ୍ରିୟାକୁ ଅଧିକ ତ୍ୱରିତ ଓ ସ୍ୱଚ୍ଛ କରିବା ନେଇ ଆଲୋଚନା

ଭୁବନେଶ୍ୱର : ଚଳିତ ବର୍ଷ ହୋଇଥିବା ବ୍ୟାପକ ବର୍ଷା ଯୋଗୁଁ ରାଜ୍ୟର ଅନେକ ରାସ୍ତାଘାଟ ଖରାପ ପରିସ୍ଥିତିକୁ ଚାଲିଆସିଛି । ଏପରିକି ଭୂସ୍ଖଳନ ଏବଂ ବନ୍ୟା ପରିସ୍ଥିତି ଯୋଗୁଁ ବହୁ ରାସ୍ତା ନଷ୍ଟ ହେବା ସହ ଧୋଇ ଯାଇଛି । ତେବେ ଏହି ପରିସ୍ଥିତିର ଦୃଢ଼ ମୁକାବିଲା କରିବା ଏବଂ ନଷ୍ଟ ହୋଇଯାଇଥିବା ରାସ୍ତାର ତୁରନ୍ତ ମରାମତି ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ନଖରା-ନିଆଳି ରାସ୍ତା, ଅଡ଼ଶପୁର-ଜଗତସିଂହପୁର ରାସ୍ତା, କଳିଙ୍ଗା ଘାଟି ରାସ୍ତା ସମେତ କୋରାପୁଟ, ଭଦ୍ରକ, ବାଲେଶ୍ୱର, କଟକ ଟାଉନ୍, ଗଞ୍ଜାମ, ସମ୍ବଲପୁର, କେଉଁଝର, ପାରାଦୀପ ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ମରାମତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଥିଲେ ହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଏହି ରାସ୍ତାର ମରାମତି ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି ।

ସର୍ବୋଚ୍ଚ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀମାନେ ନିୟମିତ ଭାବେ ନିଜ ଅଧିନରେ ଥିବା ରାସ୍ତାର ସ୍ଥିତି ଯାଞ୍ଚ କରି ପ୍ରତି ୧୫ ଦିନରେ ରିପୋର୍ଟ ପ୍ରଦାନ କରିବେ । ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଉପସ୍ଥିତ ରହି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବେ ।ଏଥି ସହିତ କାର୍ଯ୍ୟର ଗୁଣବତ୍ତା କ୍ଷେତ୍ରରେ ଖରାପ ପ୍ରଦର୍ଶନ କରୁଥିବା ଠିକା ସଂସ୍ଥା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଟେଣ୍ଡର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପରାମର୍ଶ ଦେବା ସହ ଓ୍ୱମିସ୍ ସଫଫେଓ୍ୱୟାରକୁ ଅଧିକ ଦକ୍ଷ ଓ ଉପଯୋଗୀ କରିବା ପାଇଁ ବିଭିନ୍ନ ଉପକ୍ରମ ଯୋଡ଼ିବା ଉପରେ ଆଲୋଚନା କରିଥିଲେ । ଫାଇଲ୍ ପ୍ରକ୍ରିୟା ଯେପରି ଅଯଥା ବିଳମ୍ବିତ ନହେବ, ସେ ନେଇ ଅଧିକାରୀମାନେ ଧ୍ୟାନ ଦେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ରତୀକାନ୍ତ ମହାପାତ୍ରଙ୍କ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ ଓ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଜୋନ୍ର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନେ ଉଭୟ ପ୍ରତ୍ୟକ୍ଷ ଓ ଆଭାସି ମାଧ୍ୟମରେ ଯୋଗଦେଇଥିଲେ ।

### ନନ୍ଦନକାନନରେ ପର୍ଯ୍ୟଟକ ବ୍ୟବସ୍ଥାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

## ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର : ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଆକର୍ଷଣ ନନ୍ଦନକାନନ ଜୀବ ଉଦ୍ୟାନ ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପରିଦର୍ଶନ ସମୟରେ ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକଙ୍କ ପରିଦର୍ଶନକୁ ଅଧିକ ସୁବିଧାଜନକ, ସୁରକ୍ଷିତ ଓ ସ୍ମରଣୀୟ କରିବା ନେଇ ବିଭିନ୍ନ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଛନ୍ତି। ନନ୍ଦନକାନନର ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀଙ୍କ ଯତ୍ନ ସହ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ, ବିଶ୍ରାମାଗାର, ଯାତାୟାତ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଆଲୋଚନା ହୋଇଛି ।ଦେଶ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଯେପରି ଉତ୍ତମ ଅନୁଭୂତି ନେଇ ଫେରିବେ, ସେଥିପାଇଁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଉପମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲଓ୍ୱନ୍ତ ସିଂହଙ୍କ ସମେତ ଜଙ୍ଗଲ ଓ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସରପଞ୍ଚଙ୍କ ଠାରୁ ସାଂସଦଙ୍କ ପର୍ଯ୍ୟନ୍ତ

## 'ଜନସେବକଙ୍କ ମହାକୁମ୍ଭ'ରେ ଯୋଗଦେବେ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ଅକ୍ଟୋବର ୧୭ ତାରିଖରେ କୋଲକାତାରେ 'ଜନସେବକଙ୍କ ମହାକୁମ୍ଭ' ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ସାଂସଦଙ୍କ ପର୍ଯ୍ୟନ୍ତ ଏକ ଲକ୍ଷରୁ ଅଧିକ ଜନପ୍ରତିନିଧିଙ୍କର ସମାଗମ ହେବ । ଏହି ଜନସେବକଙ୍କ ମହାକୁମ୍ଭରେ ଓଡ଼ିଶାର ଜନ ପ୍ରତିନିଧି ମଧ୍ୟ ଯୋଗଦେବେ । ସରପଞ୍ଚରୁ ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତେ ଯିବେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି । ମନମୋହନ ସାମଲ କହିଛନ୍ତି ଯେ, ୨୦୦୧ ମସିହାର ଏହି ଦିନ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ମୋଦିଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ଏହି ଅବସରରେ ସମଗ୍ର ଭାରତ ବର୍ଷରେ ଚାରି ଜାଗାରେ 'ଜନସେବକଙ୍କ ମହାକୁମ୍ଭ' ଆୟୋଜନ କରାଯାଉଛି । କୋଲକାତାରେ ଓଡ଼ିଶା ରିଜନର କାର୍ଯ୍ୟକ୍ରମ ହେବ । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସମନ୍ୱୟ ଦାୟିତ୍ୱ ଦିଆଯାଇଛି, ସେମାନେ ଲିଷ୍ଟ ପ୍ରସ୍ତୁତ କରୁଛନ୍ତି । କେଉଁଥିରେ ଏବଂ କେତେ ଜଣ କୋଲକାତା ଗସ୍ତ କରିବେ ସେ ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି ।

Printed, Published, Owned by Subas Chandra Hota, Plot No.: N5/94, Jayadev Vihar, PS: Nayapalli, Bhubaneswar - 751015, Dist-Khordha, Odisha,
Printed at Impression Off-set Press, A/14, Ashok Nagar, Bhubaneswar-751009, Dist.: Khordha, Odisha
E-mail.: dhauliexpress072@gmail.com, www. dhauliexpress.com Phone: 7008698819, 9437769960
ସଂପାଦକ : ସୁବାସ ଚନ୍ଦ୍ର ହୋତା
Editor : Subas Chandra Hota

କିଛି ଟଙ୍କା, ମଦ, ମାସଂ ପାଇଁ ମୂଲ୍ୟବାନ ଭୋଟ ବିକ୍ରି କରନ୍ତୁ ନାହିଁ